ଭାଷା ଓ ସାକ୍ଷରତା

TESS India

# ଭାଷା, ସାକ୍ଷରତା ଓ ନାଗରିକତା

# Language, literacy and citizenship





ଭାରତରେ ବିଦ୍ୟାଳୟ ଭିତ୍ତିକ ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

The Open University

UKaid from the British people

CC BY SA
http://creativecommons.org/licenses/

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/)ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

## ଭିଡ଼ିଓ ସମ୍ବଳ ସମୂହ

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି। ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ। ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ ୧.୦ ଏକ ଭାଷା ଓ ସାକ୍ଷରତା ୧୧ ଓଡ଼ିଆ ଭାଷାନ୍ତର ସହାୟତା : ଭାରତ ଜ୍ଞାନ ବିଜ୍ଞାନ ସମିତି : ଓଡିଶା Odisha

ଏହି ସଂକଳନଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ଭାଷା ଓ ସାକ୍ଷରତା ସଂକଳନର ଏକ ଭାଗ ଅଟେ। ମୂଳ ଇଂରାଜୀ ଲେଖାକୁ ଶ୍ରୀମତୀ ବିଦୁଲତା ମିଶ୍ର ଓଡ଼ିଆ ଭାଷାନ୍ତର କରିଥିବା ବେଳେ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବ୍ରହ୍ମ ଓ ପ୍ରଫେସର ବି.ଏନ୍.ପଣ୍ଡା ସମୀକ୍ଷା କରିଛନ୍ତି। ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସମ୍ବଳ/ଲେଖା http://creativecommons.org/ licenses/by-sa/3.0/ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ।

TESS-India is led by The Open University UK and funded by UK aid from the UK government

## ଏହି ଏକକରେ କ'ଣ ଅଛି

ନାଗରିକତ୍ୱ ଧାରଣା ଉପରେ ଶ୍ରେଣୀ ପ୍ରକଳ୍ପ ଯୋଜନା ପାଇଁ ଏହି ଏକକ ଗୋଟିଏ ମାର୍ଗଦର୍ଶକ। ପରସ୍ପର ସଂପୃକ୍ତ କାର୍ଯ୍ୟାବଳୀ ପ୍ରସ୍ତୁତି ଓ ପର୍ଯ୍ୟାଲୋଚନା କରି ଏକ ବିସ୍ତୃତ, ଅର୍ଥପୂର୍ଣ୍ଣ, ଯୋଗାଯୋଗ ଭିତ୍ତିକ କାର୍ଯ୍ୟରେ ଆପଣଙ୍କ ଶିକ୍ଷାର୍ଥୀମାନେ ସାମିଲ୍ ହେବା ସହିତ ଅନୁଶୀଳନ ଓ ବିଚାରଶୀଳ ହେବା ପାଇଁ କିପରି ଉତ୍ସାହିତ ହୋଇ ପାରିବେ ଏହି ଏକକରେ ସେ ସଂପର୍କରେ ବର୍ଣ୍ଣନା କରାଯାଇଛି।

## ଏହି ଏକକରୁ କ'ଣ ଶିଖିବେ

- ଶିକ୍ଷାର୍ଥୀମାନଙ୍କର ନାଗରିକ ଦକ୍ଷତା ବୃଦ୍ଧି କରିବା ପାଇଁ ବିଷୟଭିତ୍ତିକ ପ୍ରକଳ୍ପର ଯୋଜନା ଓ ସଂଗଠନ କରିବା।
- ପ୍ରକଳ୍ପରେ ଅଧିକ ପ୍ରକାରର ଭାଷା ଓ ସାକ୍ଷରତା ଆଧାରିତ କାର୍ଯ୍ୟ ଅନ୍ତର୍ଭୁକ୍ତ କରିବା ପାଇଁ ସୁଯୋଗ ଗୁଡିକୁ ଚିହ୍ନଟ କରିବା।
- ନାଗରିକତା, ଭାଷା ଏବଂ ସାକ୍ଷରତା କ୍ଷେତ୍ରରେ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ କାର୍ଯ୍ୟର ପର୍ଯ୍ୟାଲୋଚନା କରିବା।

## ଏହି ପନ୍ଥା କାହିଁକି ଗୁରୁତ୍ୱପୂର୍ଣ୍ଣ

ଏକ ବିଷୟ ସଂପର୍କିତ ପ୍ରକଳ୍ପ ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ପ୍ରସଙ୍ଗଗୁଡିକୁ ଅନୁସନ୍ଧାନ କରିବାରେ ସୁଯୋଗ ପ୍ରଦାନ କରିଥାଏ, ଯେଉଁଗୁଡିକ;

- ସେମାନଙ୍କୁ ଆଗ୍ରହ ଓ ପ୍ରେରଣା ଦେଇଥାଏ।
- ବିଭିନ୍ନ ବିଷୟ ପରିସରକୁ ସଂଯୋଗ କରିଥାଏ।
- ସେମାନଙ୍କ ଉଦ୍ଦେଶ୍ୟଭିତ୍ତିକ ସହଭାଗୀ କାର୍ଯ୍ୟ ମାନଙ୍କରେ ନିୟୋଜିତ କରିଥାଏ ଯାହା ଶୁଣିବା, କହିବା, ପଢିବା ଓ ଲେଖିବା ଦକ୍ଷତା ଆଦିକୁ ସଂପର୍କିତ କରିଥାଏ।

ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ଗୁଡିକୁ କଳ୍ପନା ପ୍ରବଣ ଓ ସ୍ମରଣୀୟ ଢଙ୍ଗରେ ଉନ୍ନତ କରିବା ପାଇଁ ପ୍ରକଳ୍ପ ଗୋଟିଏ ଉପାୟ। ନାଗରିକତା କୈନ୍ଦ୍ରିକ ପ୍ରକଳ୍ପ ଗୁଡ଼ିକର ଏକାଧିକ ସୁବିଧା ରହିଛି। ଏଗୁଡିକ ସମାଜରେ ଶିକ୍ଷାର୍ଥୀମାନଙ୍କର ମୂଲ୍ୟବୋଧ ଓ ଦାୟିତ୍ୱବୋଧ ପ୍ରତି ସଚେତନତା ବଢାଇବା ସଙ୍ଗେ ସଙ୍ଗେ ଅନ୍ୟର ବିଶ୍ୱାସ ଓ ଭାବନା ପ୍ରତି ସେମାନଙ୍କର ସମ୍ମାନ ବୃଦ୍ଧି କରିଥାନ୍ତି। ଏହାଫଳରେ ସେମାନେ ମାନବ ଅଧିକାର, ଦାୟିତ୍ୱ, ନ୍ୟାୟ, ସ୍ୱାଧୀନତା, ସମାନତା ଆଦି ଉଦାର ଶୈକ୍ଷିକ ଲକ୍ଷ୍ୟର ଚିନ୍ତା କରିଥାନ୍ତି। ଏହିପରି ଭାବରେ ସେମାନେ ବିଦ୍ୟାଳୟରୁ ପାଇଥିବା ଶିକ୍ଷାକୁ ଭବିଷ୍ୟତ ଜୀବନ ସହିତ ଯୋଡ଼ି ଥାଆନ୍ତି।

## ୧ ଭାଷା, ସାକ୍ଷରତା ଓ ନାଗରିକତା ବିଷୟରେ ଚିନ୍ତନ କରିବା

### ଶିକ୍ଷଣ କାର୍ଯ୍ୟ ୧: ଭାଷା, ସାକ୍ଷରତା ଓ ନାଗରିକତା ବିଷୟରେ ଚିନ୍ତନ କରିବା

ଆପଣ ନିଜର ଜଣେ ସାଥୀ ଶିକ୍ଷକଙ୍କ ସହ ସମ୍ବଳ-୧ ଟିକୁ ପଢନ୍ତୁ।

ଏହି ଭଳି ଲେଖା ସହ ଆପଣ ପୂର୍ବରୁ ପରିଚିତ ଥିବେ। ଆପଣ ଏହାକୁ ଥରେ ପଢିସାରିଲା ପରେ, ଆଉ ଥରେ ପଢନ୍ତୁ ଓ ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ:

- ଜଣେ ସୁନାଗରିକ କି ପ୍ରକାର ବ୍ୟବହାର ପ୍ରଦର୍ଶନ କରିଥାଏ ?
- ବିଦ୍ୟାଳୟଗୁଡ଼ିକ ଶିକ୍ଷାର୍ଥୀମାନଙ୍କୁ ସୁନାଗରିକ ହେବା ପାଇଁ କେଉଁ ଭାବରେ ଶିକ୍ଷା ଦେଇ ସାହାଯ୍ୟ କରିପାରିବେ ?
- ସୁନାଗରିକ ହେବା ପାଇଁ କେଉଁ ପ୍ରକାରର ଭାଷା ଓ ସାକ୍ଷରତା କୌଶଳ ସାହାଯ୍ୟ କରିପାରିବ ?

ଆପଣଙ୍କର ଚିନ୍ତାଧାରା ସହକର୍ମୀଙ୍କ ସହ ଆଲୋଚାନ କରନ୍ତୁ।

ବର୍ତ୍ତମାନ ଆପଣଙ୍କ ଚିନ୍ତାଧାରାକୁ ଆମ ଚିନ୍ତାଧାରା ସହ ତୁଳନା କରନ୍ତୁ ।

ସୁନାଗରିକ ମାନେ :

- ଗୋଟିଏ ସୁସ୍ଥ ଗୋଷ୍ଠୀ ଓ ପୃଥିବୀକୁ ଅବଦାନ ନିମିତ୍ତ ନିଜର ଜ୍ଞାନ ଓ ଦକ୍ଷତାର ବ୍ୟବହାର କରନ୍ତି।
- ମତ ପ୍ରକାଶ କରିବାକୁ ଓ ସମାଧାନର ପ୍ରସ୍ତାବ ରଖିବାକୁ ପ୍ରସ୍ତୁତ ଥାଆନ୍ତି।
- ଚିନ୍ତାଶୀଳ, ଅନ୍ତର୍ନିବେଶୀ ଓ ବିଚାରବନ୍ତ ଅଟନ୍ତି।
- ନିଜର ବିଶ୍ୱାସ ଅନୁସାରେ କାର୍ଯ୍ୟ କରନ୍ତି।

ଶିକ୍ଷାର୍ଥୀମାନଙ୍କୁ ସୁନାଗରିକ କରି ଗଢି ତୋଳିବାରେ ବିଦ୍ୟାଳୟ ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ସେମାନଙ୍କୁ ନିମ୍ନଲିଖିତ ସୁଯୋଗ ପ୍ରଦାନ କରିଥାଏ:

- ଜଟିଳ ବିଷୟଗୁଡିକୁ କିପରି ବୁଝିବେ ଓ ବିଶ୍ଲେଷଣ କରିବେ ତାହା ଶିଖନ୍ତି।
- ଉଚିତ୍ ଓ ନୀତି ସମ୍ମତ ସମାଧାନର ପ୍ରସ୍ତାବ ଦିଅନ୍ତି।
- ଅନ୍ୟମାନଙ୍କର କଥା ଶୁଣନ୍ତି।
- ନିଜର ବିଶ୍ୱାସ ଓ ମତାମତ ସମ୍ମାନର ସହ ପ୍ରକାଶ କରନ୍ତି।
- ବିବିଧ ଗୋଷ୍ଠୀର ଲୋକମାନଙ୍କ ସହ ସକାରାତ୍ମକ ଭାବରେ କ୍ରିୟା ପ୍ରତିକ୍ରିୟା କରନ୍ତି।

ଭାଷା ଓ ସାକ୍ଷରତା କୌଶଳ ଶିକ୍ଷାର୍ଥୀଙ୍କୁ ସୁନାଗରିକ ହେବାରେ ସାହାଯ୍ୟ କରେ। କାରଣ ତଳେ ସୂଚୀତ ଦିଗରେ ଏହା ସେମାନଙ୍କୁ ସକ୍ଷମ କରିଥାଏ।

- ଚିତ୍ରରେ, କଥାରେ ଲେଖାରେ ସୂଚନା ଯେପରି ବି ଥାଉ ତାକୁ ପଢିପାରନ୍ତି, ବୁଝିପାରନ୍ତି, ବିଶ୍ଲେଷଣ କରିପାରନ୍ତି ଓ ବାଖ୍ୟା କରିପାରନ୍ତି।
- ମତାମତରୁ ତଥ୍ୟକୁ ପୃଥକ କରିପାରନ୍ତି।
- ପ୍ରମାଣ ସଂଗ୍ରହ ଓ ମୂଲ୍ୟାୟନ କରିପାରନ୍ତି।
- ଅନୁମାନ କରିପାରନ୍ତି, ଅର୍ଥ ବୁଝାଇପାରନ୍ତି ଓ ସାରାଂଶ ନିର୍ଣ୍ଣୟ କରିପାରନ୍ତି।
- ଆଲୋଚନା କରନ୍ତି, ଅନ୍ୟର ମତାମତକୁ ଶୁଣନ୍ତି ଓ ନିଜର ମତ ଉପସ୍ଥାପନା କରନ୍ତି।
- ଠିକ୍ ଉତ୍ତର ପାଇଲା ଭଳି ପ୍ରଶ୍ନ ପଚାରିପାରନ୍ତି।
- ଉପଯୁକ୍ତ ଢଙ୍ଗରେ ଅନ୍ୟମାନଙ୍କୁ ପ୍ରଭାବିତ କରିପାରନ୍ତି।
- ପୋଷ୍ଟର ତିଆରି, ଚିଠି ଲେଖା ମାଧ୍ୟମରେ ଅନ୍ୟମାନଙ୍କ ଆଗରେ ତଥ୍ୟ ଉପସ୍ଥାପନ କରିପାରନ୍ତି।
- ଚିତ୍ର, କଥା ଓ ଲେଖା ମାଧ୍ୟମରେ ଅନ୍ୟମାନଙ୍କ ଆଗରେ ତଥ୍ୟ ଉପସ୍ଥାପନ କରିପାରନ୍ତି।

ଯଦିଓ ଅନେକ ନାଗରିକତା ସଂପର୍କିତ ବିଷୟ ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ ସହ ଜଡ଼ିତ, ତଥାପି; ଏହା ସମ୍ଭବ ଯେ ଏଗୁଡ଼ିକର ଅନୁସନ୍ଧାନର ପଥ ବେଶ୍ ଆନନ୍ଦଦାୟକ।

ନିଜ ଶ୍ରେଣୀ ଶିକ୍ଷାର୍ଥୀଙ୍କ ସହ ଗ୍ରାମଗୋଷ୍ଠୀ ଉପରେ ଗୋଟିଏ ପ୍ରକଳ୍ପ କରିଥିବା ଜଣେ ଶିକ୍ଷୟତ୍ରୀଙ୍କ ବିଷୟରେ ଆପଣ ବର୍ତ୍ତମାନ ପଢିବେ।

ଏହି ପରିସ୍ଥିତି ଅନୁଧ୍ୟାନଟିକୁ ପଢିଲାବେଳେ ତାଙ୍କ ଶିକ୍ଷାର୍ଥୀମାନଙ୍କର ଭାଷା ଓ ସାକ୍ଷରତା ଦକ୍ଷତାର କିପରି ବିକାଶ ଘଟୁଥିଲା ଓ ନାଗରିକତ୍ୱର କେଉଁ କେଉଁ ଦିଗ ଉପରେ ସେମାନେ ଶିକ୍ଷାଲାଭ କରୁଥିଲେ ସେ ବିଷୟରେ ଆପଣ ଚିନ୍ତା କରନ୍ତୁ।

## ପରିସ୍ଥିତି ଅନୁଧ୍ୟାନ –୧ : ଆମ ଗ୍ରାମଗୋଷ୍ଠୀ

*ସୁଶ୍ରୀ ମୀନାକ୍ଷୀ ପୁରୀର ଗୋଟିଏ ଗ୍ରାମୀଣ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ଗୋଷ୍ଠୀ ସମ୍ବନ୍ଧରେ ଷଷ୍ଠ ଶ୍ରେଣୀ ଶିକ୍ଷାର୍ଥୀଙ୍କୁ ଧାରଣା ଦେବା ଉଦ୍ଦେଶ୍ୟରେ ପ୍ରସ୍ତୁତ ଶ୍ରେଣୀଗୃହ ପ୍ରକଳ୍ପ ପାଇଁ ସେ ଅନେକ ଗୁଡିଏ କାର୍ଯ୍ୟକ୍ରମ ଶ୍ରେଣୀଗୃହରେ କରିଥିଲେ। ସେଥିମଧ୍ୟରୁ ପ୍ରଥମ ଦିନର ଶିକ୍ଷାଦାନ ସମ୍ବନ୍ଧରେ ଏଠାରେ ସେ ବର୍ଣ୍ଣନା କରିଛନ୍ତି।*


**ପାଠ ୧ : ଆମ ଗ୍ରାମଗୋଷ୍ଠୀ ସମ୍ବନ୍ଧରେ ଚିନ୍ତା କରିବା**

ମୁଁ ଏହିପରି ପ୍ରକଳ୍ପର ଉପସ୍ଥାପନା କରିଥିଲି – ଗାଁର କେଉଁ ସବୁ ସ୍ଥାନ ଓ ଲୋକମାନଙ୍କୁ ନେଇ ଗ୍ରାମଗୋଷ୍ଠୀ ହୋଇଥାଏ। ଏହି ବିଷୟରେ ଚିନ୍ତା କରିବାକୁ ମୁଁ ଶିକ୍ଷାର୍ଥୀମାନଙ୍କୁ କହିଥିଲି। ସେମାନଙ୍କୁ ସାହାଯ୍ୟ କଲାଭଳି ଗୋଟିଏ ଦୁଇଟି ଉଦାହରଣ ଦେଇଥିଲି ଯେମିତି ଦେଉଳ ଆଉ ବିଦ୍ୟାଳୟ ତଥା ସରପଞ୍ଚ ଶ୍ରୀଯୁକ୍ତ ରାଜେଶ ଓ ମହିଳା ଦରଜୀ ଶ୍ରୀମତୀ ସୁମତୀ।

ଏହାପରେ ମୋର ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ମତ ବିନିମୟ ପାଇଁ ଚାରିଜଣିଆ ଦଳରେ ଭାଗ କଲି। ପନ୍ଦର ମିନିଟ୍ ପରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ମତାମତ ଜାଣିବା ପାଇଁ ପୂରା ଶ୍ରେଣୀ ବୁଲି ଆସିଲି ଏବଂ ସେମାନେ ଦେଇଥିବା ସୂଚନାକୁ କଳାପଟାରେ ଲେଖିଲାବେଳେ ପଚାରିଲି ଯେ – ଉଭୟ ବ୍ୟକ୍ତି ଓ ସ୍ଥାନଗୁଡିକୁ ଅଲଗା ଅଲଗା ଶ୍ରେଣୀଭୁକ୍ତ କଲେ ଠିକ୍ ହେବ ନା ଗୋଟିଏ ସ୍ତମ୍ଭରେ ସମସ୍ତଙ୍କୁ ମିଶାଇ ଦେଲେ ଠିକ୍ ହେବ ?

ଏହାପରେ ବିଦ୍ୟାଳୟର ଅଗଣାରେ ଗୋଷ୍ଠୀର ମାନଚିତ୍ରଟିଏ କରିବା ପାଇଁ ଦଳଗୁଡିକୁ କହିଲି। ଯେଉଁଥିରେ ଗୋଷ୍ଠୀର ବିଭିନ୍ନ ବୈଶିଷ୍ଟ୍ୟ ଯଥା ଗୋଡି, କାଠି,ପତ୍ର, ମଞ୍ଜି ବା ତାଙ୍କ ପସନ୍ଦର ଯେ କୌଣସିଟିକୁ ପ୍ରତୀକ ଭାବେ ବ୍ୟବହାର କରିପାରିବେ।

ଏହି କାର୍ଯ୍ୟ ଶେଷ ହେବା ପରେ ପ୍ରତ୍ୟେକ ଦଳ ତାଙ୍କର ମାନଚିତ୍ରକୁ ଶ୍ରେଣୀର ଅନ୍ୟମାନଙ୍କୁ ଦେଖାଇଲେ। ଯେଉଁଥିରେ ଅନ୍ତର୍ଭୁକ୍ତ ହୋଇଥିବା ସ୍ଥାନ, ଧାର୍ମିକସ୍ଥଳୀ, ଦୋକାନ ବଜାର, ପଡିଆ, ଘର ଓ ଜଳରଉସ୍ଥ ଆଦି ସ୍ଥାନଗୁଡ଼ିକ ଚିହ୍ନିତ ହୋଇଥିଲା ଏବଂ ଏଥିସହିତ ସଂପୃକ୍ତ ଲୋକମାନଙ୍କର ନାମ ଉଲ୍ଲେଖ ହୋଇଥିଲା। ଏହା ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ଥିଲା ଏବଂ ମାନଚିତ୍ର ତଥା ବର୍ଣ୍ଣନା ଗୁଡିକ ଏତେ ବିବିଧତାପୂର୍ଣ୍ଣ ଥିଲା ଯେ ଏହି ପ୍ରକଳ୍ପର ଅଂଶଭାବେ ଲିପିବଦ୍ଧ କରିବା ପାଇଁ ପ୍ରତିଟି ମାନଚିତ୍ରର ଫଟୋକୁ ମୋ ମୋବାଇଲ ଫୋନରେ ଉଠାଇ ନେଇଥିଲି।




**ଚିତ୍ର ୧– ଗୋଷ୍ଠୀ ମାନଚିତ୍ରର ଏକ ନମୂନା**

**ପାଠ ୨ : ଗୋଟିଏ ଗୋଷ୍ଠୀରେ ଏକତ୍ର ବାସ କରିବା**

ପରବର୍ତ୍ତୀ ସପ୍ତାହରେ ମୁଁ ଶିକ୍ଷାର୍ଥୀମାନଙ୍କୁ ଗୋଷ୍ଠୀରେ ଏକତ୍ର ବାସ କରିବାର ଅର୍ଥ ବୁଝାଇଲି। ମୋ ଶ୍ରେଣୀରେ ଭିନ୍ନ ଭିନ୍ନ ପୃଷ୍ଠଭୂମିରୁ ଆସିଥିବା ଶିକ୍ଷାର୍ଥୀମାନେ ପଢନ୍ତି। ଏକତ୍ର ମିଳିମିଶି କାମ କରି ଶିଖିବାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ମୁଁ ସେମାନଙ୍କୁ ବିଭିନ୍ନ ଦଳରେ ବିଭକ୍ତ କଲି, କିନ୍ତୁ ଏହି ନୂତନ ଦଳ ପୂର୍ବରୁ ଗଠିତ ଦଳଠାରୁ ଭିନ୍ନ ଥିଲା,

ପ୍ରତ୍ୟେକ ଦଳକୁ ମାତ୍ର ଗୋଟିଏ ପ୍ରଶ୍ନ ଲେଖାଥିବା ବଡ଼ କାଗଜ ଖଣ୍ଡିଏ ଦେଇଥିଲି। ସେମାନଙ୍କୁ ଦେଇଥିବା ପ୍ରଶ୍ନଗୁଡ଼ିକ ତଳେ ଦିଆଗଲା।

୧. ଆମ ଗୋଷ୍ଠୀରେ ଶିକ୍ଷାର୍ଥୀମାନେ ଏକତ୍ର କେଉଁ ସବୁ କାମ କରିଥାନ୍ତି ?
୨. ଆମ ଗୋଷ୍ଠୀରେ ମହିଳାମାନେ ଏକତ୍ର କେଉଁ ସବୁ କାମ କରିଥାନ୍ତି ?
୩. ଆମ ଗୋଷ୍ଠୀରେ ପୁରୁଷମାନେ ଏକତ୍ର କେଉଁ ସବୁ କାମ କରିଥାନ୍ତି ?
୪. ପୁରୁଷ, ମହିଳା ଓ ଶିକ୍ଷାର୍ଥୀମାନେ ଏକତ୍ର କେଉଁ ସବୁ କାମରେ ସାମିଲ ହୋଇଥାନ୍ତି ?
୫. କେହି ଅସୁସ୍ଥ ହୋଇ ପଡିଲେ ଆମ ଗୋଷ୍ଠୀର ଲୋକମାନେ ତାଙ୍କୁ କିପରି ସାହାଯ୍ୟ କରନ୍ତି ?
୬. କେହି ଯଦି ମୃତ୍ୟୁବରଣ କରେ ଆମ ଗୋଷ୍ଠୀର ଲୋକମାନେ କଣ କରିଥାନ୍ତି ?

ପ୍ରତ୍ୟେକ ଦଳର ସଦସ୍ୟ ତାଙ୍କୁ ଦିଆଯାଇଥିବା ପ୍ରଶ୍ନକୁ ୨୦ ମିନିଟ୍‌ରେ ଆଲୋଚନା କରିବେ ଓ ତାଙ୍କର ଭାବନାକୁ ଟିପ୍ପଣୀ ସହ ସଚିତ୍ର ବୁଝାଇ ଦେବେ।

ଦଳଗୁଡ଼ିକର କାର୍ଯ୍ୟ ଶେଷ ହେଲା ପରେ ମୁଁ ଚିତ୍ର ଗୁଡିକୁ କାନ୍ଥରେ ଲଗାଇ ଦେଲି। ଏହାପରେ ପ୍ରତ୍ୟେକ ଦଳରୁ ଜଣେ ଲେଖାଏଁ ଶିକ୍ଷାର୍ଥୀ ଶ୍ରେଣୀର ଅନ୍ୟ ସମସ୍ତଙ୍କ ସହ ତାଙ୍କର ଭାବ ବିନିମୟ କରିବାକୁ ବାଛିବା ପାଇଁ କହିଲି। ଏହାଦ୍ଵାରା ଅତ୍ୟନ୍ତ ଚିତ୍ତାକର୍ଷକ ଆଲୋଚନା ସମ୍ଭବ ହୋଇଥିଲା। ଯେଉଁଥିରେ ଏକ ବୃହତ୍ତର ଗୋଷ୍ଠୀ ମଧ୍ୟରେ ଏକ କ୍ଷୁଦ୍ରଗୋଷ୍ଠୀ ଏବଂ ଏହି ଉପଗୋଷ୍ଠୀ କେଉଁ ପ୍ରକାରର କାର୍ଯ୍ୟ ସଂପନ୍ନ କରୁଥିବେ ସେସବୁ ସମ୍ଭାବନାର ସନ୍ଧାନ କରୁଥିଲୁ।

**ପାଠ ୩ : ଗୋଷ୍ଠୀ ଜୀବନର ସୁବିଧା ଓ ଅସୁବିଧା**

ମୋର ଶିକ୍ଷାର୍ଥୀମାନଙ୍କୁ ନିମ୍ନଲିଖିତ ପ୍ରଶ୍ନଗୁଡିକୁ ଟିପିନେବାକୁ କହିଲି ଓ ଏଗୁଡିକର ଉତ୍ତର ଘରେ ଲେଖି ଆଣିବାକୁ କହିଲି।

- ଗୋଷ୍ଠୀ ସହ ରହିବାରେ କି କି ସୁବିଧା ମିଳେ ?
- ଅସୁବିଧା କଣ ଥାଇପାରେ ?
- କିଛି ଲୋକ ଯଦି ଗୋଷ୍ଠୀରୁ ଅଲଗା ବୋଲି ମନେ କରନ୍ତି ତେବେ ସେମାନଙ୍କୁ ସମନ୍ଵିତ କରିବା ପାଇଁ କିପରି ସାହାଯ୍ୟ କରି ହେବ ?

ପରଦିନ ମୋର ଶିକ୍ଷାର୍ଥୀମାନଙ୍କୁ ଘରୁ ଲେଖି ଆଣିଥିବା ଉତ୍ତରକୁ ଦୁଇ ଜଣିଆ ଦଳରେ ପରସ୍ପର ମଧ୍ୟରେ ଆଲୋଚନା କରିବାକୁ କହିଲି। ଏହାପରେ ସମଗ୍ର ଶ୍ରେଣୀକୁ ନେଇ ଆଲୋଚନା ହୋଇଥିଲା ଏବଂ ପୂର୍ବରୁ କୌଣସି ଶିକ୍ଷାର୍ଥୀର ଯଦି କିଛି ଅବଦାନ ନଥିଲା ତେବେ ତାକୁ ନିଶ୍ଚିତ ସୁଯୋଗ ଦେବା ପାଇଁ ପ୍ରୟାସ କଲି।



ଚିତ୍ର ୨ – ଶ୍ରେଣୀଗୃହରେ ଯୋଡ଼ିକାର୍ଯ୍ୟ

**ପାଠ ୪ : ଗୋଷ୍ଠୀ ସରକାର**

ଏହି ପାଠର ଆରମ୍ଭରେ ଗ୍ରାମର ଦାୟିତ୍ୱପୂର୍ଣ୍ଣ ପଦ, ପଦବୀ ଥିବା ସମସ୍ତ ବ୍ୟକ୍ତିଙ୍କର ଏକ ତାଲିକା କରାଯାଇଥିଲା ଓ ଏହି ବ୍ୟକ୍ତିମାନେ କିଭଳି ଦାୟିତ୍ୱର ଅଧିକାରୀ ଥିଲେ ତାହା ମଧ୍ୟ ବିଚାରକୁ ନିଆଯାଇଥିଲା । ମୋର ଶିକ୍ଷାର୍ଥୀମାନେ ଭିନ୍ନ ଭିନ୍ନ କାର୍ଯ୍ୟ କରୁଥିବା ବହୁଲୋକଙ୍କର ନାମ ପ୍ରକାଶ କରିଥିଲେ, ଏଥିରେ ମୋ ନାମ ବି ଅନ୍ତର୍ଭୁକ୍ତ ଥିଲା ।

ତାଙ୍କର ଚିନ୍ତାଧାରା କଳାପଟାରେ ମୁଁ ଲେଖିବା ପରିବର୍ତ୍ତେ ଦୁଇଜଣ ଶିକ୍ଷାର୍ଥୀଙ୍କୁ ଜଣକ ପରେ ଜଣେ ଏହି କାର୍ଯ୍ୟ କରିବାକୁ କହିଥିଲି । ଏହି ଦାୟିତ୍ୱ ବହନ କରିବାରେ ସେମାନେ ଖୁବ୍ ଗର୍ବ ଅନୁଭବ କରିଥିଲେ ଏବଂ ଏହି କଥାଟିକୁ ସୁନ୍ଦର ହସ୍ତାକ୍ଷରରେ ଲେଖିଥିଲେ । ବନାନ ଅଶୁଦ୍ଧ ଥିଲେ ସହପାଠୀମାନେ ସଂଶୋଧନ କରିଦେଉଥିଲେ ।

ଏହାପରେ ଶ୍ରେଣୀଟିକୁ ପୁଣି ଯୋଡ଼ିରେ ବିଭକ୍ତ କରି ଦେଲି ଏବଂ ଦୁଇଟି ପ୍ରଶ୍ନ ଉପରେ ଭାବିବାପାଇଁ ପନ୍ଦର ମିନିଟ୍ ସମୟ ଦେଲି ।

- ଆମ ଗୋଷ୍ଠୀରେ ପରସ୍ପର ମଧ୍ୟରେ ସହଯୋଗ କଥା ବୁଝିବା କାହାର ଦାୟିତ୍ୱ ?
- କୌଣସି ବିଷୟରେ ଲୋକମାନଙ୍କ ଭିତରେ ଅସମ୍ମତି ହେଲେ କଣ ହୁଏ ? ସେମାନଙ୍କର ବିବାଦ ତୁଟାଇବାରେ କିଏ ସେମାନଙ୍କୁ ସାହାଯ୍ୟ କରେ ?

ସମଗ୍ର ଶ୍ରେଣୀରେ ପରବର୍ତ୍ତୀ ଆଲୋଚନା ଏହିପରି ହୋଇଥିଲା । ଆଞ୍ଚଳିକ ଶାସନର ଧାରଣା ଜାଣିବା ପାଇଁ ଆମେ ଆଲୋଚନା କରିଥିଲୁ । ଏହା ଏପରି ଏକ ପ୍ରଣାଳୀ ଯାହା ଗୋଷ୍ଠୀର ସ୍ୱାର୍ଥ ପ୍ରତି ସତର୍କ ଦୃଷ୍ଟି ରଖିଥାଏ ଓ ଆମ ଗ୍ରାମରେ ଏହା କିପରି କାର୍ଯ୍ୟକାରୀ ହେଉଛି ତଥା ଏ ପ୍ରକାର ଦାୟିତ୍ୱକୁ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟ କେଉଁ ଭାବରେ ତୁଲାଉଛନ୍ତି ତାହାର ଅନୁଧ୍ୟାନ କରିଥାଏ ।

ଶେଷରେ ମୋର ଶିକ୍ଷାର୍ଥୀମାନେ କଣ ସବୁ କରିପାରିବେ ଯାହା ଗୋଷ୍ଠୀ ପାଇଁ ତାଙ୍କର ସକ୍ରିୟ ଅବଦାନ ହେବ, ସେ ବିଷୟରେ ଚିନ୍ତା କରିବାକୁ ତାଙ୍କୁ ଉତ୍ସାହିତ କଲି । ଏହାପରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ବାକ୍ୟଟିଏ ଲେଖିବା ପାଇଁ ଖଣ୍ଡିଏ ଲେଖାଏଁ କାଗଜ ଦେଲି । ଦୃଷ୍ଟାନ୍ତ ବା ଚିତ୍ର ସହ ବୁଝାଇ ଦେବା ପାଇଁ ମଧ କହିଲି । ଏହାପରେ ସମସ୍ତେ ଦେଖି ପାରିବା ଭଳି ବାକ୍ୟଗୁଡ଼ିକୁ କାନ୍ଥରେ ସଜାଇ ଦେଲି ।

ଶିକ୍ଷାର୍ଥୀମାନେ ତାଙ୍କର ସ୍ଥାନୀୟ ଗୋଷ୍ଠୀ ଉପରେ ଆଧାରିତ ପ୍ରକଳ୍ପ ସହିତ ଜଡିତ ହେବାକୁ ଚାହିଁବେ କି ନାହିଁ ଏ ସଂକ୍ରାନ୍ତରେ ମୋର ପ୍ରଥମରୁ ଆଶଙ୍କା ଥିଲା । ଯାହାହେଉ, ମୋର ହୁଏତ ଚିନ୍ତା କରିବାର କାରଣ ନଥିଲା । ଏହି ବିଷୟଟି ଆଗ୍ରହପୂର୍ଣ୍ଣ ଓ ଚିନ୍ତାଶୀଳ ଖୋରାକ୍ ଯୋଗାଇଥିଲା । ସାଧାରଣ ଭାବରେ ନୀରବ ରହୁଥିବା ଶିକ୍ଷାର୍ଥୀମାନଙ୍କର ଅବଦାନ ବି ଏଥିରେ ରହିଥିଲା । ଚାରିଟି ଯାକ ପାଠରେ ଦୁଇ ଜଣିକିଆ ଯୋଡ଼ି ଓ ଦଳଗୁଡ଼ିକ ମଧ୍ୟରେ ଥିବା ପରସ୍ପର ସହଯୋଗ ଓ ସମ୍ମାନ ସହଜରେ ବାରି ହୋଇ ପଡୁଥିଲା ଓ ଏହା ମୋତେ ଆନନ୍ଦ ଦେଇଥିଲା ।



ଟିକିଏ ଚିନ୍ତା କରନ୍ତୁ

ପୂର୍ବ ବର୍ଣ୍ଣିତ ପ୍ରତ୍ୟେକ ପାଠ ପାଇଁ ନିମ୍ନଲିଖିତ ପ୍ରଶ୍ନ ଗୁଡିକର ଉତ୍ତର କ'ଣ ହେବ ?

- ସୁଶ୍ରୀ ମୀନାକ୍ଷୀଙ୍କର ଶିକ୍ଷାର୍ଥୀମାନେ କେଉଁ ସବୁ ଭାଷା ଓ ସାକ୍ଷରତା କୌଶଳ ଅବଲମ୍ବନ କରିଥିଲେ ?
- ତାଙ୍କର ଶିକ୍ଷାର୍ଥୀମାନେ ନାଗରିକତାର କେଉଁ କେଉଁ ଦିଗଗୁଡ଼ିକ ବିଷୟରେ ଶିକ୍ଷାଲାଭ କରୁଥିଲେ ?
- ପାଠରେ ଥିବା କୌଣସି ବିଷୟବସ୍ତୁ ଆପଣଙ୍କୁ ଆଶ୍ଚର୍ଯ୍ୟ କରିଥିଲା କି ?
- ଏଥିରେ ଏପରି କିଛି ଧାରଣାମାନ ଅଛି କି ଯାହା ଆପଣ ନିଜର ଶ୍ରେଣୀଗୃହକୁ ନେବାକୁ ଚାହିଁବେ ?

## ୨ ନାଗରିକତା ଭିତ୍ତିକ ପ୍ରକଳ୍ପର ଯୋଜନା କରିବା

ଵିଷୟ ଭିତ୍ତିକ ପ୍ରକଳ୍ପ ପାଇଁ କିଛି ସଂଖ୍ୟକ ପାଠ ଉଦ୍ଦିଷ୍ଟ, ଯାହା କେତେକ ସପ୍ତାହର ଅବଧି ଭିତରେ ହେବା କଥା, ଏହା ପରିସ୍ଥିତି ଅନୁଧ୍ୟାନ ୧ରେ ଦର୍ଶାଯାଇଛି। ଏହି ଏକକରେ ଥିବା ବାକି ସବୁ ଶିକ୍ଷଣ କାର୍ଯ୍ୟ ନାଗରିକତା ଭିତ୍ତିକ ପ୍ରକଳ୍ପର ଯୋଜନା ପାଇଁ ଏକ ବ୍ୟବହାରିକ ପଥ ପ୍ରଦର୍ଶକ ରୂପେ ଉଦ୍ଦିଷ୍ଟ ଯେଉଁଥିରେ ଭାଷା ଓ ସାକ୍ଷରତା ସମ୍ବନ୍ଧୀୟ ଉଦ୍ଦେଶ୍ୟଗୁଡ଼ିକ ଅନ୍ତର୍ଭୁକ୍ତ। ଶିକ୍ଷଣ କାର୍ଯ୍ୟଟିକୁ ୬ ଭାଗରେ ବିଭକ୍ତ କରାଯାଇଛି (ଶିକ୍ଷଣ କାର୍ଯ୍ୟ ୨-୭) କରାଯାଇଛି। ସଂପୂର୍ଣ୍ଣ ଶିକ୍ଷଣ କାର୍ଯ୍ୟଟି ପ୍ରଥମେ ମନୋଯୋଗ ସହ ପଢି ନିଅନ୍ତୁ ଓ ଏହାପରେ ଆପଣଙ୍କ ପସନ୍ଦର ପ୍ରସଙ୍ଗ ମାଧ୍ୟମରେ ଗୋଟିଏ ପରେ ଗୋଟିଏ ଭାଗକୁ ନେଇ ଆସନ୍ତୁ।

### ଶିକ୍ଷଣକାର୍ଯ୍ୟ ୨ : ପ୍ରକଳ୍ପ ପାଇଁ ଗୋଟିଏ ପ୍ରସଙ୍ଗ ଚିହ୍ନଟ କରିବା

ଆପଣଙ୍କ ଶ୍ରେଣୀ ପାଇଁ ନାଗରିକତା ସଂପର୍କିତ ଗୋଟିଏ ସମ୍ଭାବ୍ୟ ତାଲିକା ଜଣେ ସହକର୍ମୀଙ୍କ ସହ ମିଶି ପ୍ରସ୍ତୁତ କରନ୍ତୁ। ଆପଣଙ୍କର ବିଦ୍ୟାଳୟ ଓ ଗୋଷ୍ଠୀ ପରିପ୍ରେକ୍ଷୀରେ ଏହି ତାଲିକା ପ୍ରସ୍ତୁତ ହୋଇଥାଇପାରେ ମାତ୍ର ନିମ୍ନରେ ଆମେ କେତେକ ପ୍ରସ୍ତାବମାନ ଦେଇଛୁ।

- ବିଦ୍ୟାଳୟକୁ ଅଧିକ ଆକର୍ଷଣୀୟ କରିବା ପାଇଁ କେତେକ ଉପାୟ।
- ଗ୍ରାମଟି ସଫାସୁତୁରା ରଖିବା।
- ଗ୍ରାମର ନବଜାତ ଶିଶୁ ଓ ବୃଦ୍ଧମାନଙ୍କ ପାଇଁ କମ୍ବଳ ସଂଗ୍ରହ।
- ଗୋଷ୍ଠୀରେ ଥିବା ନିଃସଙ୍ଗ, ଅକ୍ଷମ ଓ ରୁଗ୍‌ଣ ବ୍ୟକ୍ତିଙ୍କ ପାଇଁ ସହାୟତା ପ୍ରଦାନ।
- ବିଭିନ୍ନ ସାମଗ୍ରୀ ବିକ୍ରୟ ବ୍ୟବସ୍ଥା କରି ସ୍ଥାନୀୟ କୌଣସି ଭଲ କାର୍ଯ୍ୟ ପାଇଁ ଅର୍ଥ ଯୋଗାଡ଼।
- ସେହି ଅଞ୍ଚଳର ଅଙ୍ଗନବାଡି ବିଦ୍ୟାଳୟ କିମ୍ବା ଘରେ ରହୁଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ବହି ସଂଗ୍ରହ।
- ବ୍ୟବହାର ହେଉନଥିବା କାଗଜ, ଖାଦ୍ୟ ଦ୍ରବ୍ୟ କିମ୍ବା ଘରକରଣା ସାମଗ୍ରୀ ପୁନଃ ବ୍ୟବହାର।
- ବର୍ଜ୍ୟବସ୍ତୁ କୁଢା ହେଉଥିବା ସ୍ଥାନୀୟ ସମସ୍ୟାକୁ ବିଚାର।
- ଶକ୍ତି ସଂଚ୍ଚୟ ।
- ଜଳ ସଂରକ୍ଷଣ ।
- ଜଳ ଦ୍ୱାରା ସଂକ୍ରମିତ ରୋଗର ପ୍ରତିଷେଧକ ବ୍ୟବସ୍ଥା।
- ବାଳିକା ଓ ମହିଳାମାନଙ୍କର ସ୍ୱାସ୍ଥ୍ୟ ଯତ୍ନର ଉନ୍ନତି ଓ ଏଥିପାଇଁ ଅଧିକ ସଂଖ୍ୟକ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି।
- ଛାତ୍ରମାନଙ୍କ ଅପେକ୍ଷା ଛାତ୍ରୀମାନଙ୍କୁ ଘର କାମ କରିବାକୁ ପଡିଥାଏ ଯାହା ଫଳରେ ସେମାନଙ୍କ ପାଇଁ ବାହାରେ ସ୍ୱଚ୍ଛନ୍ଦରେ ଖେଳାବୁଲା କରିବା ସମ୍ଭବ ହୁଏ ନାହିଁ।
- ପଶୁ ଶିକାର ଦ୍ୱାରା ନିଶ୍ଚିହ୍ନ ହୋଇ ଯାଉଥିବା ବନ୍ୟପ୍ରାଣୀଙ୍କ ସମସ୍ୟା।
- ପରିବେଶ ଉପରେ ବର୍ତ୍ତମାନ ଓ ଭବିଷ୍ୟତରେ ଜଳବାୟୁର ପରିବର୍ତ୍ତନର ପ୍ରଭାବ।
- ସ୍ଥାନୀୟ ଅଳ୍ପ ସଂଖ୍ୟକ ଲୋକଙ୍କ ଭାଷା ବ୍ୟବହାରକୁ ପ୍ରୋତ୍ସାହନ।

ତାଲିକାରେ ଥିବା କେଉଁ ବିଷୟ ଗୁଡିକ ଆପଣଙ୍କ ପାଇଁ ଏବଂ ଆପଣଙ୍କ ଶ୍ରେଣୀ ପାଇଁ ଅଧିକ ଉପଯୁକ୍ତ ?

ଆପଣଙ୍କ ସିଦ୍ଧାନ୍ତ ନେବାରେ ସହାୟକ ହୋଇଥିବା କିଛି କାରଣ ଏହିପରି ହୋଇପାରେ –

- ସମସ୍ତ ଶିକ୍ଷାର୍ଥୀଙ୍କ ପାଇଁ ବିଷୟଗୁଡ଼ିକ ସେମାନଙ୍କ ବୟସ ଦୃଷ୍ଟିରୁ ଯଥାର୍ଥ, ପ୍ରାସଙ୍ଗିକ ଓ ଆନନ୍ଦ ଦାୟକ କି ?
- ବିଦ୍ୟାଳୟର ପାଠ୍ୟସୂଚୀ ସହିତ ଏଗୁଡିକ କେତେଦୂର ସଂଶ୍ଲିଷ୍ଟ ?
- ଗଣିତ, ପରିବେଶ ଶିକ୍ଷା, ବିଜ୍ଞାନ ଓ ସାମାଜିକ ପାଠ ପରି କେଉଁ କେଉଁ ବିଷୟ ଏଥିରେ ଅନ୍ତର୍ଭୁକ୍ତ ହୋଇଛି ?
- ବିଷୟଗୁଡ଼ିକ ସମ୍ବେଦନଶୀଳ ଓ ବିବାଦମାନ କି ?
- ଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ସହ ଏଗୁଡିକୁ ଅନୁସନ୍ଧାନ କରିବାରେ ଆପଣ କେତେଦୂର  ଆତ୍ମବିଶ୍ୱାସୀ ଓ ସକ୍ରିୟ ଅଟନ୍ତି ?

ବର୍ତ୍ତମାନ ଆପଣ ବାଛିଥିବା ବିଷୟ ଗୁଡ଼ିକରେ ଭାଷା ଓ ସାକ୍ଷରତା ସମ୍ବନ୍ଧୀୟ ସୁଯୋଗ କେତେ ଅଛି ଏହାର ଗୋଟିଏ ତାଲିକା କରନ୍ତୁ। ଆପଣଙ୍କର ମାର୍ଗଦର୍ଶନ ପାଇଁ ତଳେ କିଛି ସୂଚନା ଦିଆଗଲା–

- ବିଷୟବସ୍ତୁ ବୁଝିବା ଓ ଏହାର କାରଣ ଜାଣିବା ପାଇଁ ଖବର କାଗଜ ବା ଅନ୍ୟ ପାଠ ପଢିବା।
- ଜଣେ ସ୍ଥାନୀୟ ବ୍ୟକ୍ତିଙ୍କର ସାକ୍ଷାତକାର ନେବା।
- ତର୍କ ସଭା ଆୟୋଜନା କରିବା।
- ଜଣେ ରାଜନୈତିକ ବ୍ୟକ୍ତି ବା ଖବର କାଗଜ ସଂପାଦକଙ୍କ ପାଖକୁ ଗୋଟିଏ ଚିଠି ଲେଖିବା।
- ପ୍ରଚାର ପତ୍ର ଓ ପୋଷ୍ଟର ପ୍ରସ୍ତୁତ ଓ ବିତରଣ କରିବା।
- ସଚେତନତା ବୃଦ୍ଧି ଅଭିଯାନ ସଂଗଠନ କରିବା, ଆବେଦନ ପତ୍ର ଲେଖିବା, ପାଣି ସଂଗ୍ରହ ପାଇଁ ଆବଶ୍ୟକ ପଦକ୍ଷେପ ନେବା।
- ବିଦ୍ୟାଳୟର ସହପାଠୀ କିମ୍ବା ଗୋଷ୍ଠୀର ସଦସ୍ୟମାନଙ୍କ ସମ୍ମୁଖରେ କୌଣସି ବିଷୟରେ ନାଟକ ଲେଖି ଉପସ୍ଥାପନା କରିବା।

## ୩ ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ନାଗରିକତା ଭିତ୍ତିକ ପ୍ରକଳ୍ପରେ ନିୟୋଜିତ କରିବା

ଆପଣଙ୍କର ଶିକ୍ଷାର୍ଥୀମାନଙ୍କୁ କୌଣସି ବିଷୟବସ୍ତୁର ସୂଚନା / ପ୍ରସ୍ତାବ ଦେବା ପାଇଁ ଆପଣ ଆମନ୍ତ୍ରଣ କରିପାରନ୍ତି, ପୂର୍ବରୁ ଚୟନ ହୋଇଥିବା କିଛି ବିଷୟବସ୍ତୁରୁ ଗୋଟିଏ ବାଛି ପାରନ୍ତି ବା ଆପଣଙ୍କ ପସନ୍ଦର କୌଣସି ବିଷୟର ପ୍ରସ୍ତାବ ରଖି ପାରନ୍ତି। ଆପଣଙ୍କର ଶିକ୍ଷାର୍ଥୀମାନଙ୍କୁ କୌଣସି ଶ୍ରେଣୀ ପ୍ରକଳ୍ପରେ ସାମିଲ କରିବା ପ୍ରକ୍ରିୟାର ଅଂଶ ଭାବରେ ସେମାନଙ୍କୁ ଶୁଣିବା ଓ ସେମାନଙ୍କର ପ୍ରସ୍ତାବ ତଥା ଧାରଣାଗୁଡ଼ିକ ଉପରେ ପ୍ରତିକ୍ରିୟା ପ୍ରକାଶ କରିବା ଆଦି ସଂପର୍କିତ ଅଟେ।

ବିଷୟବସ୍ତୁ ଚୟନରେ ଆପଣ ଯେ କୌଣସି ଉପାୟ ଅବଲମ୍ବନ କରନ୍ତୁ, ନାଗରିକତାର ଧାରଣା ଉପରେ ପ୍ରଥମେ ଶିକ୍ଷାର୍ଥୀମାନଙ୍କ ସହିତ ଆଲୋଚନା କରିବା ସହାୟକ ହୋଇଥାଏ।

### ଶିକ୍ଷଣକାର୍ଯ୍ୟ ୩ : ଶ୍ରେଣୀ ପ୍ରକଳ୍ପରେ ଶିକ୍ଷାର୍ଥୀମାନଙ୍କୁ ନିୟୋଜିତ କରିବା

ଆପଣଙ୍କର ଶିକ୍ଷାର୍ଥୀମାନେ ଗୋଟିଏ ଶ୍ରେଣୀ ପ୍ରକଳ୍ପ କରିବାକୁ ଯାଉଛନ୍ତି ଏବଂ ଏଥିପାଇଁ କ'ଣ ସବୁ ଆବଶ୍ୟକ ସେ ବିଷୟରେ ଆପଣ ସେମାନଙ୍କର ମତାମତ ଜାଣିବାକୁ ଚାହାନ୍ତି ବୋଲି ସୂଚାଇ ଦିଅନ୍ତୁ। ଶ୍ରେଣୀକୁ ବିଭିନ୍ନ ଦଳରେ ଭାଗ କରନ୍ତୁ।

ପ୍ରତ୍ୟେକ ଦଳକୁ ପ୍ରଶ୍ନଟିଏ ଲେଖାଥିବା କାଗଜ ଖଣ୍ଡିଏ ଦିଅନ୍ତୁ କିମ୍ବା ଆଲୋଚନାକୁ ଉତ୍ସାହିତ କଲାଭଳି ପସନ୍ଦ ଯୋଗ୍ୟ କିଛି ବିଷୟ ଦିଅନ୍ତୁ। ଉଦାହରଣ ସ୍ୱରୂପ:

- କେଉଁ ସବୁ ଉପାୟରେ ଆମେ ବିଦ୍ୟାଳୟକୁ ଅଧିକ ଆକର୍ଷଣୀୟ କରିପାରିବା ?
- ଆମ ଗ୍ରାମର ଉନ୍ନତି କିପରି କରିପାରିବା ?

ପ୍ରତ୍ୟେକ ଶିକ୍ଷାର୍ଥୀ ଆଲୋଚନା ପାଇଁ ଅନ୍ତତଃ ଗୋଟିଏ ତଥ୍ୟ ପ୍ରଦାନ କରିବେ ଓ ତାହାକୁ କାଗଜରେ ଲେଖିଦେବେ। ସମୟ ଶେଷ ହେଲା ପରେ, ସମଗ୍ର ଶ୍ରେଣୀକୁ ସୂଚନା ଦେବା ପାଇଁ ପ୍ରତ୍ୟେକ ଦଳରୁ ଜଣେ ଲେଖାଏଁ ସ୍ୱେଚ୍ଛାସେବୀଙ୍କୁ ଦାୟିତ୍ୱ ଦିଅନ୍ତୁ। ମିଳିଥିବା ତଥ୍ୟଗୁଡିକ କଳାପଟାରେ ଲେଖିଦେଲା ପରେ, ନିଶ୍ଚିତ କରନ୍ତୁ ଯେ ଶିକ୍ଷାର୍ଥୀମାନଙ୍କର ମତାମତକୁ ଯେପରି ସମସ୍ତେ ଧ୍ୟାନର ସହ ଶୁଣିଛନ୍ତି।

ତାଲିକାଟି ସଂପୂର୍ଣ୍ଣ ହୋଇଗଲା ପରେ, ସର୍ବୋତ୍କୃଷ୍ଟ ତଥ୍ୟଗୁଡିକ ଉପରେ ପ୍ରତ୍ୟେକ ଦଳସ୍ତରରେ ଆଲୋଚନା କରିବା ପାଇଁ ଆପଣଙ୍କର ଶିକ୍ଷାର୍ଥୀମାନଙ୍କୁ କୁହନ୍ତୁ। ଯଦି ଠିକ୍ ମନେ କରନ୍ତି ତେବେ ସମଗ୍ର ଶ୍ରେଣୀକୁ ଏକତ୍ର କରି ମତଦାନ (ଭୋଟ) କରାନ୍ତୁ।

ଏହିପରି ଆଲୋଚନା ମାଧ୍ୟମରେ ଆପଣଙ୍କ ଶିକ୍ଷାର୍ଥୀମାନେ ନିଜେ ସଂପୃକ୍ତ ଥିବା ବିଭିନ୍ନ ବିଷୟରେ ମତଦାନ ଦ୍ୱାରା ଓ ସହମତିରେ ଉପନୀତ ହେବାରେ ତାଙ୍କର ନାଗରିକତା ସମ୍ବନ୍ଧୀୟ ଦକ୍ଷତା ବିକଶିତ ହେବ। ଶୁଣିବା, ଆଲୋଚନା କରିବା, ଟିପ୍ପଣୀ ଲେଖିବା ଓ ପୂରା ଶ୍ରେଣୀକୁ ସୂଚନା ପ୍ରଦାନ କରିବା ଦ୍ୱାରା ତାଙ୍କର ଭାଷା ଓ ସାକ୍ଷରତା ଦକ୍ଷତାର ଉନ୍ନତି ଘଟିବ। ସଂପୂର୍ଣ୍ଣ ପ୍ରକଳ୍ପର ଅବଧିରେ ଏହି ଦୁଇ ପ୍ରକାରର ଶିକ୍ଷଣ କ୍ରିୟାକୁ ଅନୁସରଣ କରିବା ଉଚିତ୍।



ଟିକିଏ ଚିନ୍ତା କରନ୍ତୁ

ଶିକ୍ଷାର୍ଥୀଙ୍କ ସହ ମିଶି ଏହି କାର୍ଯ୍ୟ କରିବା ଦ୍ୱାରା ଆପଣ ସେମାନଙ୍କ ବିଷୟରେ କଣ ଜାଣିଲେ ?

ଶିକ୍ଷାର୍ଥୀମାନଙ୍କୁ ଶ୍ରେଣୀଗୃହରେ ସଭିଙ୍କ ସଂପୃକ୍ତ କରିବା ବିଷୟରେ ଅଧିକ ଧାରଣା ପାଇଁ ସମ୍ବଳ ୨ ଦେଖନ୍ତୁ।




ଭିଡିଓ : ସଭିଙ୍କ ସଂପୃକ୍ତି

ପ୍ରକଳ୍ପ ପାଇଁ ସୂଚନାର ଉତ୍ସ ଚିହ୍ନଟ କରିବା।


ପ୍ରକଳ୍ପର ପରବର୍ତ୍ତୀ ପଦକ୍ଷେପ ହେଲା ବିଷୟବସ୍ତୁ ସଂପର୍କରେ ଜାଣିବା ପାଇଁ ଆପଣଙ୍କର ଶିକ୍ଷାର୍ଥୀମାନଙ୍କଠାରୁ ପ୍ରସ୍ତାବ ଲୋଡ଼ିବା।

## ଶିକ୍ଷଣକାର୍ଯ୍ୟ ୪ : ବିଷୟବସ୍ତୁ ଉପରେ ଗବେଷଣା କରିବା

ଶିକ୍ଷାର୍ଥୀମାନେ ପ୍ରସ୍ତାବ ଦେଇଥିବା ସୂଚନାର ସମସ୍ତ ଉତ୍ସଗୁଡିକୁ କଳାପଟାରେ ଲେଖିଦିଅନ୍ତୁ। ଏଗୁଡ଼ିକରେ ବିଦ୍ୟାଳୟର ପାଠ୍ୟପୁସ୍ତକ, ଗ୍ରନ୍ଥାଗାର, ଖବରକାଗଜ, ଇଣ୍ଟରନେଟ୍, ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରଚାର ପତ୍ର, ପୋଷ୍ଟର ସ୍ଥାନୀୟ ସରକାରୀ ଅଫିସ୍ ବା ସ୍ଥାନୀୟ ଜନତା ଅନ୍ତର୍ଭୁକ୍ତ ହୋଇପାରନ୍ତି।









ଚିତ୍ର–୩ ସୂଚନାର ଉତ୍ସ ଗୋଟିଏ ସମ୍ବାଦ ପତ୍ର ଲେଖା (ବାମ ପଟର ଉପରିଭାଗ) ଆଂଚଳିକ ଲୋକ (ଡାହାଣ ପଟର ଉପରିଭାଗ) ଏବଂ ଏକ ପୋଷ୍ଟର (ତଳଭାଗର ଡାହାଣ ଓ ବାମ ପାର୍ଶ୍ୱ)

ଉଦାହାରଣ ସ୍ୱରୂପ ଆପଣଙ୍କର ଶିକ୍ଷାର୍ଥୀମାନେ ଯଦି ଜଳ ସଂକ୍ରମିତ ରୋଗ ସମ୍ବନ୍ଧରେ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ତେବେ ସେମାନେ ସ୍ଥାନୀୟ ଜଳଶୋଧନ କାର୍ଯ୍ୟସ୍ଥଳୀର ପରିଦର୍ଶନ କରିପାରନ୍ତି ତଥା ପୂର୍ବରୁ ବ୍ୟବସ୍ଥା କରି ଓ ଅନୁମତି ନେଇ ଜଣେ ଜଳ ନିୟନ୍ତ୍ରଣକାରୀ ଅଧିକାରୀଙ୍କର ସାକ୍ଷାତକାର ନେଇ ପାରନ୍ତି। ଏହାର ବିକଳ୍ପରେ ପାଣିର ଶୋଧନ ଓ ନିରାପତ୍ତା ସଂପର୍କରେ ପରାମର୍ଶ ପାଇଁ ଗୋଷ୍ଠୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବା ଡାକ୍ତରଖାନାକୁ ଯାଇ ପାରନ୍ତି। ପରିବାରର ଲୋକମାନେ ଜଳ ସଂକ୍ରମିତ ରୋଗରୁ କିପରି ସୁରକ୍ଷିତ ରହିବେ ସେ ବିଷୟରେ ଜାଣିବା ପାଇଁ ଶିକ୍ଷାର୍ଥୀମାନେ ସୂଚନା ପ୍ରଚାର ପତ୍ରର ମଧ୍ୟ ସହାୟତା ନେଇ ପାରନ୍ତି।

ଖବର କାଗଜ, ବହି, ପୋଷ୍ଟର, ପ୍ରଚାର ପତ୍ର ପଢନ୍ତୁ ବା ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରନ୍ତୁ। ପ୍ରାସଙ୍ଗିକ ସ୍ଥାନକୁ ପରିଦର୍ଶନରେ ଯାଆନ୍ତୁ, ଯାହାସବୁ ପଢିଲେ, ଶୁଣିଲେ ଓ ଦେଖିଲେ ସେସବୁ ଲେଖି ରଖନ୍ତୁ। ଏ ସମସ୍ତ ଗବେଷଣାତ୍ମକ କାର୍ଯ୍ୟରେ ବିବିଧ ପ୍ରକାରର ଭାଷା ଓ ସାକ୍ଷରତା ଦକ୍ଷତା ଜଡ଼ିତ ହୋଇଥାଏ ।

## ୪ ନାଗରିକତା ଭିତ୍ତିକ ପ୍ରକଳ୍ପର ରୂପରେଖ

### ଶିକ୍ଷଣକାର୍ଯ୍ୟ-୫ : ପ୍ରକଳ୍ପର ରୂପରେଖ ଓ ଅନୁସୂଚୀ ପ୍ରସ୍ତୁତ କରିବା

ପ୍ରକଳ୍ପର ବିସ୍ତୃତ ଯୋଜନା କରନ୍ତୁ। କିଛି ସ୍ତମ୍ଭ ସହିତ ସାରଣୀ ପ୍ରସ୍ତୁତି ଏଥିପାଇଁ ଅଧିକ ସୁବିଧାଜନକ ହେବ।

- ଏହି ପ୍ରକଳ୍ପ ପାଇଁ ଯେତେଗୁଡ଼ିଏ କାର୍ଯ୍ୟ ଅନ୍ତର୍ଭୁକ୍ତ ହୋଇପାରିବ ବୋଲି ଆପଣ ଅନୁମାନ କରୁଛନ୍ତି ପ୍ରଥମେ ସେଗୁଡ଼ିକର ଗୋଟିଏ ତାଲିକା କରନ୍ତୁ।
- ପ୍ରତ୍ୟେକ କାର୍ଯ୍ୟ ପାଖରେ ଏହା କେଉଁସବୁ ଭାଷା ଓ ଶିକ୍ଷାଣ କେଉଁ ସବୁ ସୁଯୋଗ ସୃଷ୍ଟି କରୁଛି ତାହା ଟିପି ଦିଅନ୍ତୁ।
- କେଉଁ ସବୁ କାର୍ଯ୍ୟ ସମଗ୍ର ଶ୍ରେଣୀଦ୍ୱାରା ଏବଂ କେଉଁଗୁଡିକ ଛୋଟ ଦଳକରି ବାଣ୍ଟିଲେ ଉପଯୁକ୍ତ ହେବ ଏହା ସ୍ଥିର କରନ୍ତୁ।
- ପ୍ରତ୍ୟେକ ଶିକ୍ଷଣ କାର୍ଯ୍ୟ ପାଇଁ ଆପଣଙ୍କୁ କିପରି ବ୍ୟବସ୍ଥା କରିବାକୁ ହେବ ତାହା ଆଗରୁ ଲେଖି ରଖନ୍ତୁ। ପ୍ରତ୍ୟେକ କାର୍ଯ୍ୟ ପାଇଁ ଆପଣଙ୍କର ପ୍ରସ୍ତୁତି ସମୟ କେତେ ହେବ ତାହା ବିଚାର କରନ୍ତୁ।
- ପରବର୍ତ୍ତୀ କିଛି ସପ୍ତାହରେ, ଆପଣ ଚିହ୍ନଟ କରିଥିବା ଶିକ୍ଷଣ କାର୍ଯ୍ୟଗୁଡିକୁ ଏକ ଉପଯୁକ୍ତ ଧାରାରେ ଅନୁକ୍ରମ କରି ହେଉଥିବା ଅନେକ ଗୁଡିଏ ପାଠର ବର୍ତ୍ତମାନ ଯୋଜନା କରନ୍ତୁ।
- ଏହା ସରିବା ପରେ, ପ୍ରତ୍ୟେକ ପାଠ ଆପଣଙ୍କ ଶିକ୍ଷାଦାନ ନିର୍ଘଣ୍ଟରେ ନିର୍ଦ୍ଧାରିତ କରନ୍ତୁ ଯେପରି ଏହା ପାଠ୍ୟକ୍ରମରେ ଥିବା ଅନ୍ୟ ସବୁ ବିଷୟ କ୍ଷେତ୍ର ସହିତ ଖାପ ଖାଉଥିବ। କୌଣସି ଅଦୃଷ୍ଟ ପୂର୍ବ ପରିସ୍ଥିତି ପାଇଁ ଆପଣ ଚାହିଁଲେ ନିର୍ଦ୍ଧାରିତ ସମୟଠାରୁ କିଛି ଅଧିକ ସମୟର ବ୍ୟବସ୍ଥା ରଖି ପାରନ୍ତି।
- ଆବଶ୍ୟକ ହେଲେ ଏହି ଯୋଜନାର ପ୍ରକ୍ରିୟା କୌଣସି ସହକର୍ମୀ ସହ ଆଲୋଚନା କରନ୍ତୁ।

ମୂଖ୍ୟ ସମ୍ବଳ "ପାଠ ପାଇଁ ଯୋଜନା କରିବା" ଆପଣଙ୍କ ପାଇଁ ସହାୟକ ହୋଇପାରେ।


ଭିଡିଓ - ପାଠ ପାଇଁ ଯୋଜନା କରିବା

## ୫ ଆପଣଙ୍କ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଉପସ୍ଥାପନର ଉପାୟ ସମୂହ।


### ଶିକ୍ଷଣକାର୍ଯ୍ୟ ୬ : ଆପଣଙ୍କ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଉପସ୍ଥାପନ କରିବା


ପ୍ରକଳ୍ପଟିର ଅଗ୍ରଗତି କାଳରେ ଶିକ୍ଷାର୍ଥୀମାନେ ବିଭିନ୍ନ ଉପାୟରେ ତାଙ୍କର ଜ୍ଞାନ ଲାଭ ବିଷୟରେ ଉପସ୍ଥାପନ କରିପାରିବେ ଓ ସହଭାଗୀ ହୋଇପାରିବେ। ବ୍ୟକ୍ତିଗତ କିମ୍ବା ମିଳିତ ଭାବରେ ହେଉ ଏହା ଲିଖିତ ବିବରଣୀ, ପ୍ରଚାର କଳାକୃତି, ଅଭିନୟ, ଗୀତ, ଗଳ୍ପ, କବିତା ବା ଗୋଷ୍ଠୀ କାର୍ଯ୍ୟର ରୂପ ନେଇପାରେ।










**ଚିତ୍ର -୪** ଆପଣଙ୍କ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଉପସ୍ଥାପନର ବିଭିନ୍ନ ଉପାୟ ସମୂହ

ଆପଣଙ୍କର ଶିକ୍ଷାର୍ଥୀମାନେ ଶିକ୍ଷାଲାଭ କରିଥିବା ବିଷୟ ପ୍ରଧାନ ଶିକ୍ଷକ, ବିଦ୍ୟାଳର କର୍ମଚାରୀ, ପିତାମାତା, ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି, ପଞ୍ଚାୟତରାଜ ବା ସରପଞ୍ଚ କିମ୍ବା ଜାତୀୟ ସରକାରଙ୍କର ପ୍ରତିନିଧିଙ୍କର ସମ୍ମୁଖରେ ଉପସ୍ଥାପନା କରିବାକୁ ଇଛା କରିପାରନ୍ତି। ଶିକ୍ଷାର୍ଥୀମାନଙ୍କର ଶିକ୍ଷାଲାଭ ବିଷୟରେ ବହୁ ପାଠକଙ୍କ ଅବଗତି ନିମନ୍ତେ ଖବର କାଗଜକୁ ଚିଠି ଲେଖିବାକୁ ବା ବିବୃତି ଦେବାକୁ ସେମାନଙ୍କୁ ଆପଣ ପ୍ରୋତ୍ସାହିତ କରିପାରନ୍ତି। ଆବଶ୍ୟକ ସ୍ଥଳେ ଏହି ପ୍ରକଳ୍ପରେ ନିଯୁକ୍ତ ଶିକ୍ଷାର୍ଥୀମାନଙ୍କର ଚିତ୍ର (ଫଟୋ) କରି ପ୍ରଦର୍ଶନ ପାଇଁ ଓ ଅନ୍ୟମାନଙ୍କ ସହ ମିଶି ଦେଖାଇବା ପାଇଁ ଉତ୍ତୋଳନ କରିପାରନ୍ତି।

## ଶିକ୍ଷଣକାର୍ଯ୍ୟ ୭ : ଆପଣଙ୍କ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଉପଲବ୍ଧି ଉପରେ ଅନୁଶୀଳନ କରିବା

ବିଷୟଭିତ୍ତିକ ପ୍ରକଳ୍ପଟିରେ କାର୍ଯ୍ୟ କରି ନାଗରିକତା ବିଷୟରେ ଆପଣଙ୍କର ଶିକ୍ଷାର୍ଥୀମାନେ କ'ଣ ଶିଖିପାରିବେ ବୋଲି ଆପଣ ମନେ କରନ୍ତି ? ନିମ୍ନଲିଖିତ କୌଣସି ଦିଗରେ ଶିକ୍ଷାର୍ଥୀମାନେ ଜ୍ଞାନ ଲାଭ କରିବା ବା ହୃଦୟଙ୍ଗମ କରିବା ଆପଣ ଲକ୍ଷ୍ୟ କଲେ କି ?

- ଗଣତନ୍ତ୍ର, ନ୍ୟାୟ ଓ ସମାନତା (ସମତା)।
- ସେମାନଙ୍କ ପାଇଁ ଓ ସେମାନଙ୍କର ଗୋଷ୍ଠୀ ପାଇଁ ଗୁରୁତ୍ୱ ବହନ କରୁଥିବା ସାଂପ୍ରତିକ ପ୍ରସଙ୍ଗ।
- ବିଶ୍ୱ ସମାଜର ସଭ୍ୟ ଭାବରେ ସେମାନଙ୍କର ସଚେତନତା।
- ଅନ୍ୟମାନଙ୍କୁ ମର୍ଯ୍ୟାଦା ଓ ସମ୍ମାନର ସହ ବ୍ୟବହାର କରିବା।
- ଅଧିକ ସକ୍ରିୟ ହେବା।

- ପରସ୍ପରକୁ ସାହାଯ୍ୟ କରିବା ଓ ଉପଦେଶ ଦେବା।
- ପରସ୍ପରକୁ ପ୍ରତିରକ୍ଷାଦେବା।

ଏହି ସମୟ ମଧ୍ୟରେ ନାଗରିକତା ସଂପୃକ୍ତ ଅନ୍ୟ କେଉଁ କେଉଁ ଜ୍ଞାନ ଓ ବୋଧଶକ୍ତି, ଆପଣ ନିରୀକ୍ଷଣ କଲେ ଏବଂ ଆପଣଙ୍କର ଶିକ୍ଷାର୍ଥୀମାନଙ୍କର ବିକାଶ ଓ ପ୍ରଗତି ଫର୍ଦ୍ଦରେ ଏହି ସୂଚନା କିପରି ଧରି ରଖିହେବ।

ବିଷୟଭିତ୍ତିକ ପ୍ରକଳ୍ପ ମାଧ୍ୟମରେ ଆପଣଙ୍କର ଶିକ୍ଷାର୍ଥୀମାନେ ଭାଷା ଓ ସାକ୍ଷରତା ସମ୍ବନ୍ଧରେ କଣ ଶିକ୍ଷାଲାଭ କଲେ। ନିମ୍ନଲିଖିତ କୌଣସି ଦକ୍ଷତା / କୌଶଳ ସେମାନେ ବ୍ୟବହାର କରୁଥିବାର ଆପଣ ଲକ୍ଷ୍ୟ କଲେ କି ?

- ସୂଚନା ପାଇଁ ପଠନ
- ଶିକ୍ଷାର୍ଥୀମାନେ ଯାହା ପଢନ୍ତି, ଶୁଣନ୍ତି ଓ ଦେଖନ୍ତି ସେ ବିଷୟରେ ଲିଖନ।
- ସାକ୍ଷାତ୍‌କାର କୌଶଳ ସମୂହ
- ତଥ୍ୟ ମୂଲ୍ୟାୟନ
- ମତ ପ୍ରଦାନ
- ମର୍ଯ୍ୟାଦା ବା ସମ୍ମାନର ସହ ତର୍କ କରିବା
- ଏକ ଉପସ୍ଥାପନା କରିବା
- ଅଣ ବାଚନିକ ଭାବବିନିମୟ

ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଆଗ୍ରହ ଓ ଦକ୍ଷତା ଅନୁଯାୟୀ ଏକ ବିଷୟଭିତ୍ତିକ ପ୍ରକଳ୍ପରେ କିପରି ସାମିଲ୍ କରିବାକୁ ଆପଣ ସକ୍ଷମ ହୋଇପାରିଲେ ?

ସେମାନଙ୍କର ସମସ୍ତ ଅବଦାନ ଆପଣଙ୍କ ପାଇଁ ଉପାଦେୟ ଥିଲା ବୋଲି ସେମାନଙ୍କୁ କିପରି ଜଣାଇପାରିଲେ ଏବଂ କିଛି ଶିକ୍ଷାର୍ଥୀଙ୍କର ଉଚ୍ଚକୋଟୀର ଅବଦାନ ଆପଣଙ୍କ ପାଇଁ ଆଶାତୀତ ଥିଲା କି ?

## ୬ ସାରାଂଶ

ଆପଣ ଗୋଟିଏ ବିଷୟଭିତ୍ତିକ ଶ୍ରେଣୀ ଗୃହ ପ୍ରକଳ୍ପର ଯୋଜନା ଓ କାର୍ଯ୍ୟକାରିତା ପାଇଁ ଆପଣଙ୍କୁ ସକ୍ଷମ କରାଇବାରେ ଏହି ଏକକ ଗୋଟିଏ ରୂପରେଖ, ଏହା ଗୋଟିଏ ପଟେ ଉତ୍ତମ ନାଗରିକତା ପାଇଁ ଆବଶ୍ୟକ ଗୁଣ ଏବଂ ଅନ୍ୟପଟେ ଭାଷା ଓ ସାକ୍ଷରତା ଉଦ୍ଦେଶ୍ୟକୁ ସମନ୍ୱିତ କରିଥାଏ; ତଥା କିଛି ସପ୍ତାହର ଅବଧିରେ ଅନେକଗୁଡ଼ିଏ ପାଠ ମାଧ୍ୟମରେ ବିଷୟଜ୍ଞାନର ଆହରଣ ହୋଇଥାଏ। ଶିକ୍ଷାର୍ଥୀମାନଙ୍କୁ କଳ୍ପନା ପ୍ରବଣ, ସହଯୋଗ ମୂଳକ, ଗୋଷ୍ଠୀ ଅଭିମୁଖୀ କାର୍ଯ୍ୟରେ ନିୟୋଜିତ କଲେ ଏଥିରେ ସାମିଲ ହୋଇଥିବା ଗବେଷଣା , ଆଲୋଚନା, ପର୍ଯ୍ୟବେକ୍ଷଣ, ଉପସ୍ଥାପନ ମାଧ୍ୟମରେ ବୈଜ୍ଞାନିକ ତଥା ସାମାଜିକ ସ୍ତରରେ ଲାଭବାନ ହୋଇଥାନ୍ତି ଓ ଏପରି ଶିକ୍ଷା ଅନୁଭୂତିରୁ ଅନେକ ସକାରାତ୍ମକ ଅନୁଭୂତି ହାସଲ କରିଥାନ୍ତି। ଯେ କୌଣସି ସ୍ତରର ଶିକ୍ଷାର୍ଥୀମାନଙ୍କ ପାଇଁ ଉପଯୁକ୍ତ ହେଲାଭଳି ଏ ପ୍ରକାର ପ୍ରକଳ୍ପ ଗ୍ରହଣ କରାଯାଇ ପାରେ ଏବଂ ଏଗୁଡିକର ଯୋଜନା ଆପଣ ଥରେ କରିଦେଲା ପରେ ପ୍ରତିବର୍ଷ ଏହି ଯୋଜନାର ବ୍ୟବହାର ଓ ବିକାଶ କରିପାରିବେ। ଯଦି ଅନ୍ୟଜଣେ ସହକର୍ମୀ ସହିତ ଏହି ପ୍ରକଳ୍ପର ଯୋଜନା ଓ କାର୍ଯ୍ୟକାରିତା ବିଷୟରେ ଭାବର ଆଦାନ ପ୍ରଦାନ କରିବା ପାଇଁ ସୁଯୋଗ ଥାଏ ତେବେ ଏହି ପ୍ରକ୍ରିୟା ଆପଣଙ୍କ ପାଇଁ ଅତ୍ୟନ୍ତ ଉତ୍ସାହପ୍ରଦ ହେବ।

# ସମ୍ବଳ ସମୂହ

## ସମ୍ବଳ-୧ : ଭାରତର ନାଗରିକ ମାନଙ୍କର ମୌଳିକ କର୍ତ୍ତବ୍ୟ

ଭାରତୀୟ ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟ ହେଲା

କ. ସମ୍ବିଧାନକୁ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ସମ୍ମାନ ଦେବା ଏବଂ ଜାତୀୟ ପତାକା ତଥା ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

ଖ. ଯେଉଁ ସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

ଗ. ଭାରତର ସାର୍ବଭୌମତ୍ୱ, ଏକତା ଓ ସଂହତି ବଜାୟ ରଖିବା ଏବଂ ସୁରକ୍ଷିତ ରଖିବା;

ଘ. ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

ଙ. ଧର୍ମଗତ, ଭାଷାଗତ ଓ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦା ହାନି ସୂଚକ ବ୍ୟବହାର ପରିତ୍ୟାଗ କରିବା;

ଚ. ଆମର ସଂସ୍କୃତିର ମୂଲ୍ୟବାନ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

ଛ. ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

ଜ. ବୈଜ୍ଞାନିକ ମନୋଭାବ, ମାନବିବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

ଝ. ସର୍ବସାଧାରଣ ସଂପତ୍ତିର ସୁରକ୍ଷା କରିବା, ଓ ହିଂସାଭାବ ପରିତ୍ୟାଗ କରିବା

ଞ. ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନ କରିବା, ଯାହାଦ୍ୱାରା ଆମ ଦେଶ ପ୍ରତିଷ୍ଠା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ।

## ସମ୍ବଳ-୨ : ସଭିଙ୍କ ସଂପୃକ୍ତି

### 'ସଭିଙ୍କ ସଂପୃକ୍ତି' କହିଲେ କ'ଣ ବୁଝ ?

ଶ୍ରେଣୀଗୃହରେ ସଂସ୍କୃତି ଓ ସମାଜର ବିବିଧତା ପ୍ରତିଫଳିତ ହୋଇଥାଏ। ଶିକ୍ଷାର୍ଥୀମାନଙ୍କର ବିଭିନ୍ନ ଭାଷା, ଆଗ୍ରହ ଓ ଦକ୍ଷତା ଥାଏ। ଏହି ବିଭିନ୍ନତାକୁ ଆମେ ଅଣଦେଖା ନକରି ବରଂ ଏହାକୁ ସମ୍ମାନ ଦେବା ଉଚିତ୍ କାରଣ ଏହା ମାଧ୍ୟମରେ ଆମେ ପରସ୍ପରକୁ ଓ ଆମ ନିଜ ଅନୁଭୂତି ଉର୍ଦ୍ଧ୍ୱରେ ଥିବା ଦୁନିଆ ବିଷୟରେ ଶିଖିପାରିବା। ସମସ୍ତ ଶିକ୍ଷାର୍ଥୀଙ୍କର ଶିକ୍ଷା ଅଧିକାର ଏବଂ ପଦ ମର୍ଯ୍ୟାଦା ଦକ୍ଷତା ଓ ପୃଷ୍ଠଭୂମି ନିର୍ବିଶେଷରେ ଶିକ୍ଷାଲାଭର ସୁଯୋଗ ପାଇବା ଅଧିକାର ଭାରତୀୟ ଆଇନ ଓ ଆନ୍ତର୍ଜାତିକ ଶିଶୁ ଅଧିକାରରେ ସ୍ୱୀକୃତି ଲାଭ କରିଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ୨୦୧୪ ମସିହାରେ ଜାତି ଉଦ୍ଦେଶ୍ୟରେ ତାଙ୍କର ପ୍ରଥମ ଅଭିଭାଷଣରେ ଜାତି, ଲିଙ୍ଗ ଓ ଆୟ ନିର୍ବିଶେଷରେ ଭାରତର ସମସ୍ତ ନାଗରିକଙ୍କୁ ଗୁରୁତ୍ୱ ଦେବାର ମହତ୍ତ୍ୱକୁ ଜୋର ଦେଇଛନ୍ତି। ଏ ଦିଗରେ ବିଦ୍ୟାଳୟ ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଅନ୍ୟମାନଙ୍କ ବିଷୟରେ ଆମ ସମସ୍ତଙ୍କର ଗୁଡାଏ ବଦ୍ଧମୂଳ ଧାରଣା ଥାଏ ଯାହା ଆମେ ଜାଣି ପାରିନଥାଉ କିମ୍ବା ଏ ବିଷୟରେ ଚିନ୍ତା କରିନଥାଉ। ଶିକ୍ଷକ ଭାବରେ, ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷା ଅନୁଭୂତିକୁ ସକାରାତ୍ମକ ବା ନକାରାତ୍ମକ ଭାବରେ ପ୍ରଭାବିତ କରିବାର କ୍ଷମତା ଆପଣଙ୍କର ଅଛି। ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ଆପଣଙ୍କର ଅନ୍ତର୍ନିହିତ ପ୍ରତିକୂଳ ବିଚାର ଓ ଧାରଣା ଶିକ୍ଷାର୍ଥୀମାନଙ୍କର ଶିକ୍ଷାଗ୍ରହଣର ସମାନତାରେ ପ୍ରଭାବ ପକାଇବ। ଶିକ୍ଷାର୍ଥୀମାନଙ୍କ ପ୍ରତି ଆପଣଙ୍କର ଅସମାନ ବ୍ୟବହାର ବିରୁଦ୍ଧରେ ସତର୍କ ରହିବା ପାଇଁ ପଦକ୍ଷେପ ନେଇ ପାରିବେ।

## ଶିକ୍ଷଣରେ ସଭିଙ୍କ ସଂପୃକ୍ତି ପାଇଁ ତିନୋଟି କୈନ୍ଦ୍ରିକ ନୀତି

- **ନଜର କରିବା :** ଫଳପ୍ରଦ ଶିକ୍ଷକମାନେ ଅଭିନିବିଷ୍ଟ (Observant), ଉପଲବ୍ଧି କ୍ଷମ (perceptive) ଓ ସମ୍ବେଦନଶୀଳ (sensitive)। ଶିକ୍ଷାର୍ଥୀମାନଙ୍କର ପରିବର୍ତ୍ତନରେ ସେମାନେ ଦୃଷ୍ଟି ରଖିଥାନ୍ତି। ଆପଣ ଯଦି ଅଭିନିବିଷ୍ଟ ତେବେ ଶିକ୍ଷାର୍ଥୀଟିଏ କେତେବେଳେ କିଛି ଭଲ କାମ କରୁଥାଏ, କେତେବେଳେ ସହାୟତା ଆବଶ୍ୟକ କରୁଥାଏ ଏବଂ ଅନ୍ୟମାନଙ୍କ ସହିତ କିପରି ସଂପର୍କ ରଖିଥାଏ ଏହା ଆପଣଙ୍କ ଦୃଷ୍ଟିରେ ପଡିବ। ପାରିବାରିକ ପରିସ୍ଥିତି ବା ଅନ୍ୟ କୌଣସି କାରଣ ଯୋଗୁଁ ଶିକ୍ଷାର୍ଥୀମାନଙ୍କ ଭିତରେ ଘଟୁଥିବା ପରିବର୍ତ୍ତନ ମଧ୍ୟ ଆପଣ ଲକ୍ଷ୍ୟ କରିପାରିବେ। ସମସ୍ତଙ୍କୁ ସଂପୃକ୍ତ କରିବା ଅର୍ଥ ଶିକ୍ଷାର୍ଥୀମାନଙ୍କ ଉପରେ ଦୃଷ୍ଟି ରଖିବା ଆପଣଙ୍କ ପାଇଁ ଏକ ଦୈନନ୍ଦିନ କାର୍ଯ୍ୟକ୍ରମ ହେବା ଆବଶ୍ୟକ ଏବଂ ଯେଉଁ ଶିକ୍ଷାର୍ଥୀମାନେ ନିଜକୁ ନାମମାତ୍ର କିମ୍ବା କୌଣସି କାର୍ଯ୍ୟରେ ଯୋଗଦେବାରେ ଅସମର୍ଥ ମନେକରନ୍ତି ସେମାନଙ୍କ ଉପରେ ବିଶେଷ ଦୃଷ୍ଟି ରଖିବାକୁ ହେବ।
- **ସ୍ୱାଭିମାନ ଉପରେ କେନ୍ଦ୍ରୀଭୂତ ଦୃଷ୍ଟି :** ସୁନାଗରିକମାନେ ଅନ୍ୟମାନଙ୍କ ସହିତ ନିଜକୁ ସହଜ ମଣିଥାନ୍ତି। ସେମାନଙ୍କର ସ୍ୱାଭିମାନ ଥାଏ, ନିଜର ସାମର୍ଥ୍ୟ ଓ ଦୁର୍ବଳତା ଜାଣିଥାନ୍ତି, ଅନ୍ୟମାନଙ୍କର ପୃଷ୍ଠଭୂମି ନିର୍ବିଶେଷରେ, ସେମାନଙ୍କ ସହିତ ସକାରାତ୍ମକ ସଂପର୍କ ରଖିବାରେ ସମର୍ଥ ହୋଇଥାନ୍ତି। ସେମାନେ ନିଜକୁ ସମ୍ମାନ ଦେବା ସହିତ ଅନ୍ୟମାନଙ୍କୁ ମଧ୍ୟ ସମ୍ମାନ ଦେଇଥାଆନ୍ତି। ଶିକ୍ଷକ ହିସାବରେ 'ଜଣେ ଅଳ୍ପ ବୟସ୍କ ଶିକ୍ଷାର୍ଥୀର ସ୍ୱାଭିମାନ ଉପରେ ଆପଣଙ୍କର ପ୍ରଭାବ ଗୁରୁତ୍ୱପୂର୍ଣ୍ଣ ହୋଇପାରେ। ଆପଣ ନିଜର ଏହି କ୍ଷମତା ବିଷୟରେ ସଚେତନ ହୁଅନ୍ତୁ ଏବଂ ଏହାକୁ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ସ୍ୱାଭିମାନୀ କରିବାରେ ବ୍ୟବହାର କରନ୍ତୁ।
- **ନମନୀୟତା :** ଆପଣଙ୍କ ଶ୍ରେଣୀଗୃହରେ ଯଦି ନିର୍ଦ୍ଦିଷ୍ଟ କିଛି ଶିକ୍ଷାର୍ଥୀଙ୍କ ପାଇଁ ବା ଦଳ ପାଇଁ ବା ବ୍ୟକ୍ତି ବିଶେଷ ପାଇଁ କିଛି ସଠିକ୍ ହେଉ ନାହିଁ, ତେବେ ଆପଣଙ୍କର ଯୋଜନାର ପରିବର୍ତ୍ତନ ପାଇଁ କିମ୍ବା ଶିକ୍ଷଣ କାର୍ଯ୍ୟ ବନ୍ଦ କରି ଦେବା ପାଇଁ ପ୍ରସ୍ତୁତ ରୁହନ୍ତୁ। ନମନୀୟତା ଆପଣଙ୍କୁ ସମଯୋଜନ (ପରିବର୍ତ୍ତନ) କରିବାରେ ସମର୍ଥ କରିଥାଏ। ଯାହାଫଳରେ ଆପଣ ସମସ୍ତ ଶିକ୍ଷାର୍ଥୀଙ୍କୁ କ୍ରିୟାଶୀଳ ଭାବରେ ସଂପୃକ୍ତ କରିପାରିବେ।

## ସର୍ବକାଳୀନ ବ୍ୟବହାର ପାଇଁ ପନ୍ଥା

- **ଉତ୍ତମ ବ୍ୟବହାର ପ୍ରତିରୂପାୟନ (ଗଢିବା) :** ଜାତି, ଧର୍ମ , ଲିଙ୍ଗ ନିର୍ବିଶେଷରେ ସମସ୍ତ ଶିକ୍ଷାର୍ଥୀଙ୍କୁ ଉତ୍ତମ ବ୍ୟବହାର ଦେଖାଇ ଆପଣ ଜଣେ ଦୃଷ୍ଟାନ୍ତ ହୁଅନ୍ତୁ। ସମସ୍ତ ଶିକ୍ଷାର୍ଥୀଙ୍କୁ ଆପଣ ସମ୍ମାନର ସହିତ ବ୍ୟବହାର କରନ୍ତୁ ଏବଂ ଆପଣଙ୍କ ଶିକ୍ଷାଦାନ ମାଧ୍ୟମରେ ଏହା ସୁସ୍ପଷ୍ଟ ହେବା ଉଚିତ୍ ଯେ ଆପଣ ସମସ୍ତଙ୍କୁ ସମାନ ଭାବରେ ଗୁରୁତ୍ୱ ଦିଅନ୍ତି। ସମସ୍ତଙ୍କ ସହିତ ସମ୍ମାନ ପୂର୍ଣ୍ଣ ବାର୍ତ୍ତାଳାପ କରନ୍ତୁ, ତାଙ୍କର ଉପଯୁକ୍ତ ମତାମତକୁ ଧ୍ୟାନ ଦିଅନ୍ତୁ। ସମସ୍ତଙ୍କ ପାଇଁ ସୁବିଧାଜନକ ହେଲା ଭଳି କାର୍ଯ୍ୟଭାର ଅର୍ପଣ କରି ଶ୍ରେଣୀଗୃହର ଦାୟିତ୍ୱ ନେବାରେ ଉତ୍ସାହିତ କରନ୍ତୁ।
- **ଉଚ୍ଚ ପ୍ରତ୍ୟାଶା :** ସବୁ ଶିକ୍ଷାର୍ଥୀଙ୍କର ସାମର୍ଥ୍ୟ ସମାନ ନଥାଏ। ଯଦି ଉପଯୁକ୍ତ ସମର୍ଥନ ଦିଆଯାଏ, ତେବେ ସମସ୍ତ ଶିକ୍ଷାର୍ଥୀ ଶିଖିପାରିବେ ଓ ଆଗେଇ ପାରିବେ। ଯଦି କିଛି ଶିକ୍ଷାର୍ଥୀ ଆପଣ ଶ୍ରେଣୀରେ ପଢାଉଥିବା ପାଠ ବୁଝିବାରେ କଷ୍ଟ ଅନୁଭବ କରନ୍ତି ତେବେ ଏହା ଧରି ନିଅନ୍ତୁ ନାହିଁ ଯେ ସେମାନେ କେବେ ବି ବୁଝିପାରିବେ ନାହିଁ। ଶିକ୍ଷକ ଭାବରେ ଆପଣଙ୍କର ଭୂମିକା ଏବଂ ସେମାନଙ୍କର ନିଜ ଅନୁଭୂତିରୁ ଆପଣ ଦୃଷ୍ଟାନ୍ତ ସଂଗ୍ରହ କରିଥିବେ।
- **ଶିକ୍ଷାଦାନ- ଶିକ୍ଷଣରେ ବିବିଧତା:** ଶିକ୍ଷାର୍ଥୀମାନେ ବିଭିନ୍ନ ଧାରାରେ ଶିଖନ୍ତି। କିଛି ପିଲା ଶୁଣି ଶୁଣି ଶିଖିଯାଆନ୍ତି କିଛି ଶିକ୍ଷାର୍ଥୀ କହିବାର ସୁଯୋଗ ପାଇଲେ ଶିଖନ୍ତି। ଆପଣ ସବୁବେଳେ ସବୁ ଶିକ୍ଷାର୍ଥୀଙ୍କୁ ଠିକ୍ ଭାବରେ ପଢାଇପାରିବେ ନାହିଁ। ତେଣୁ ବିଭିନ୍ନ ଉପାୟ ମାଧ୍ୟମରେ ଶିଖାଇଲେ, ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ଧାରାରେ ଶିଖିପାରିବେ।
- **ଶିକ୍ଷାଦାନଙ୍କୁ ଦୈନନ୍ଦିନ ଜୀବନ ସହିତ ଯୋଡ଼ନ୍ତୁ:** ଦୈନନ୍ଦିନ ଜୀବନର ଘଟୁଥିବା ଘଟଣା ଆଧାରରେ ଶିକ୍ଷାଦାନ-ଶିକ୍ଷଣ ହେଲେ ଶିକ୍ଷାର୍ଥୀମାନେ ଭଲ ଭାବରେ ଶିଖନ୍ତି। ତେଣୁ ଯେତେବେଳେ ତଥା ଯେତେଦୂର ସମ୍ଭବ। ଶିକ୍ଷାର୍ଥୀଙ୍କର ଶିକ୍ଷଣକୁ ପ୍ରାସଙ୍ଗିକ କରିବାକୁ ଚେଷ୍ଟା କରନ୍ତୁ।

- **ଭାଷାର ବ୍ୟବହାର :** ଆପଣ ବ୍ୟବହାର କରୁଥିବା ଭାଷା ସମ୍ବନ୍ଧରେ ଯତ୍ନଶୀଳ ହୋଇ ଚିନ୍ତା କରନ୍ତୁ। ତାଙ୍କୁ ପରିହାସ ନକରି, ସକାରାତ୍ମକ ଭାଷା ବ୍ୟବହାର କରି ସେମାନଙ୍କର ପ୍ରଶଂସା କରନ୍ତୁ। ସେମାନଙ୍କ ବ୍ୟବହାର ଉପରେ ସର୍ବଦା ଟିପ୍ପଣୀ ଦିଅନ୍ତୁ, ତାଙ୍କ ଉପରେ ନୁହେଁ। ଆଜି ତୁମେ ମୋତେ ବିରକ୍ତ କରୁଛ, ଅତ୍ୟନ୍ତ ବ୍ୟକ୍ତିଗତ ଏବଂ ଭଲଭାବରେ ପ୍ରକାଶ କରିହେବ ଯେମିତି "ଆଜି ତୁମର ବ୍ୟବହାର ମୋତେ ବିରକ୍ତିକର ମନେ ହେଉଛି, ତୁମେ ଧ୍ୟାନ ଦେବାରେ ଯେଉଁ ଅସୁବିଧା ହେଉଛି ସେଥିପାଇଁ କିଛି କାରଣ ଅଛି କି ?" ଏହା ଅଧିକ ଉପଯୋଗୀ ହେବ।
- **ଗତାନୁଗତିକତାକୁ ବିରୋଧ:** ଏପରି ଦୃଷ୍ଟାନ୍ତ (ସାଧନ) ଖୋଜି ବାହାର କରନ୍ତୁ ଓ ବ୍ୟବହାର କରନ୍ତୁ ଯେଉଁଥିରେ ବାଳିକାମାନଙ୍କୁ ଗତାନୁଗତିକ ଭୂମିକାରେ ପ୍ରଦର୍ଶନ କରାଯାଇନାହିଁ। ବୈଜ୍ଞାନିକ ଭଳି ଆଦର୍ଶ ମହିଳାମାନଙ୍କୁ ବିଦ୍ୟାଳୟ ପରିଦର୍ଶନରେ ନିମନ୍ତ୍ରଣ କରନ୍ତୁ। ନିଜର ଲିଙ୍ଗକୁ ନେଇ ଗତାନୁଗତିକ ଢଙ୍ଗରେ ପ୍ରଦର୍ଶିତ ହେଉଥିବା ବିଷୟରେ ଅବଗତ ରହିବାକୁ ଚେଷ୍ଟିତ ହୁଅନ୍ତୁ:

  ଝିଅମାନେ ଖେଳକୁଦରେ ଭାଗ ନେଉଥିବା ଓ ପୁଅମାନେ ସେବାଯତ୍ନ କରୁଥିବା ବିଷୟରେ ଆପଣ ଅବଗତ ଥିବେ, କିନ୍ତୁ ଏହାକୁ ଆମେ ଅଧିକାଂଶ ସମୟରେ ଭିନ୍ନ ଢଙ୍ଗରେ ପ୍ରକାଶ କରିଥାଉ। ଏହାର ମୁଖ୍ୟ କାରଣ ହେଉଛି ସମାଜରେ ଏ ଧରଣର କଥାବାର୍ତ୍ତା ସହିତ ଆମେ ଅଭ୍ୟସ୍ତ।
- **ନିରାପଦ, ସ୍ୱାଗତଯୋଗ୍ୟ ଶିକ୍ଷଣ ପରିବେଶ ସୃଷ୍ଟି କରନ୍ତୁ :** ପ୍ରତ୍ୟେକ ଶିକ୍ଷାର୍ଥୀ ବିଦ୍ୟାଳୟରେ ନିରାପଦ ଓ ସାଦରେ ଗ୍ରହଣ ହେଲା ଭଳି ଅନୁଭବ କରିବା ଆବଶ୍ୟକ। ପରସ୍ପର ମଧ୍ୟରେ ସମ୍ମାନଜନକ ଓ ବନ୍ଧୁତାପୂର୍ଣ୍ଣ ବ୍ୟବହାର ପାଇଁ ସମସ୍ତଙ୍କୁ ଉତ୍ସାହିତ କରି ସେମାନଙ୍କୁ ସ୍ୱାଗତ ଯୋଗ୍ୟ ବୋଲି ଅନୁଭବ ଦେବା ଆପଣଙ୍କ ଦ୍ୱାରା ସମ୍ଭବ। ବିଭିନ୍ନ ଶିକ୍ଷାର୍ଥୀଙ୍କୁ ବିଦ୍ୟାଳୟ ଓ ଶ୍ରେଣୀଗୃହ କିପରି ପ୍ରତୀତ ହେବା କଥା ଓ କିପରି ଅନୁଭୂତ ହେବା କଥା ଏହା ଆପଣ ଚିନ୍ତା କରନ୍ତୁ। ସେମାନଙ୍କୁ କେଉଁ ସ୍ଥାନରେ ବସିବାକୁ କହିବେ ସେ କଥା ଚିନ୍ତା କରନ୍ତୁ ଏବଂ ଦୃଷ୍ଟିଶକ୍ତି ବା ଶ୍ରବଣ ଶକ୍ତି ରହିତ ବା ଶାରୀରିକ ଅକ୍ଷମ ଶିକ୍ଷାର୍ଥୀମାନେ କେଉଁଠାରେ ବସିଲେ ପାଠପ୍ରତି ସୁଗମ ହୋଇପାରିବ ଏହା ନିଶ୍ଚିତ କରନ୍ତୁ। ଯେଉଁମାନେ ଲାଜକୁଳା (ଆତ୍ମସଚେତନ) ବା ଅଳ୍ପକେ ଅନ୍ୟମନସ୍କ ହୋଇଯାଆନ୍ତି ସେମାନଙ୍କୁ ଆପଣ କିପରି ସହଜରେ ଅନ୍ତର୍ଭୁକ୍ତ କରିପାରିବେ ସେ କଥା ତଦାରଖ କରନ୍ତୁ।
- **ନିର୍ଦ୍ଦିଷ୍ଟ ଶିକ୍ଷାଦାନ ପନ୍ଥା ସମୂହ :** ସମସ୍ତ ଶିକ୍ଷାର୍ଥୀଙ୍କୁ ସାମିଲ୍ କରିବାରେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ କେତେକ ନିର୍ଦ୍ଦିଷ୍ଟ ପନ୍ଥା ଅଛି। ଅନ୍ୟାନ୍ୟ ମୁଖ୍ୟ ସାଧନରେ ଏ ବିଷୟରେ ପର୍ଯ୍ୟାପ୍ତ ଭାବରେ ବର୍ଣ୍ଣନା କରାଯାଇଛି। ତେବେ ଏଠାରେ ଏକ ସଂକ୍ଷିପ୍ତ ଉପସ୍ଥାପନା କରାଯାଇଅଛି।
- **ପ୍ରଶ୍ନ ପଚାରିବା :** ଆପଣ ଯଦି ଶିକ୍ଷାର୍ଥୀମାନଙ୍କୁ ହାତ ଟେକିବାକୁ କହନ୍ତି, ତେବେ ସେମାନେ ଉତ୍ତର ଦେବା ପାଇଁ ଉତ୍ସୁକ ବୋଲି ଜାଣିହେବ। ଅଧିକ ଶିକ୍ଷାର୍ଥୀଙ୍କୁ ପ୍ରଶ୍ନର ଉତ୍ତର ଭାବିବାରେ ଓ ଉତ୍ତର ଦେବାରେ ସଂପୃକ୍ତ କରିବାରେ ଅନ୍ୟ ଉପାୟ ବି ଅଛି। ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ ଆପଣ ପ୍ରଶ୍ନ ପଚାରି ପାରନ୍ତି। ଶ୍ରେଣୀରେ ଆପଣ ଘୋଷଣା କରିବେ ଯେ ପ୍ରଶ୍ନ କାହାକୁ ପଚରାଯିବ ଓ ସେ ସିଦ୍ଧାନ୍ତ ଆପଣ ନେବେ। ତାପରେ ଆପଣଙ୍କ ସମ୍ମୁଖରେ ବସିଥିବା ଶିକ୍ଷାର୍ଥୀଙ୍କୁ ନପଚାରି ପଛରେ ଓ ଦୁଇ ପାର୍ଶ୍ୱରେ ବସିଥିବା ଶିକ୍ଷାର୍ଥୀଙ୍କୁ ପ୍ରଶ୍ନ ପଚାରନ୍ତୁ, ସେମାନଙ୍କୁ ଚିନ୍ତା କରିବାକୁ ସମୟ ଦିଅନ୍ତୁ ଓ ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀଙ୍କଠାରୁ ଉତ୍ତର ସଂଗ୍ରହ କରନ୍ତୁ। ସେମାନଙ୍କର ପ୍ରତ୍ୟୟ ବୃଦ୍ଧି ପାଇଁ ଶିକ୍ଷାର୍ଥୀମାନଙ୍କୁ ଯୋଡ଼ି ବା ଦଳରେ ବିଭକ୍ତ କରନ୍ତୁ ଯାହା ଫଳରେ ଆପଣ ସମଗ୍ର ଶ୍ରେଣୀର ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଆଲୋଚନାରେ ସଂପୃକ୍ତ କରିପାରିବେ।
- **ମୂଲ୍ୟାୟନ/ଆକଳନ :** ଗଠନାତ୍ମକ ମୂଲ୍ୟାୟନ ପାଇଁ ଉପାୟଗୁଡ଼ିକର ପରିସର ବିସ୍ତୃତ କରନ୍ତୁ ଯାହା ଶିକ୍ଷାର୍ଥୀମାନଙ୍କୁ ଉତ୍ତମ ରୂପେ ଜାଣିବା ପାଇଁ ଆପଣଙ୍କୁ ସାହଯ୍ୟ କରିବ। ସେମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭା ବା ଦୋଷ ଦୁର୍ବଳତା ଲୋକଲୋଚନକୁ ଆଣିବା ପାଇଁ ଆପଣ ସର୍ଜନାତ୍ମକ ହେବା ଆବଶ୍ୟକ। ସାଧାରଣ ଭାବେ ମତାମତ ଉପରେ ପର୍ଯ୍ୟବେସିତ କିଛି ଶିକ୍ଷାର୍ଥୀଙ୍କ ବିଷୟରେ ବା ତାଙ୍କର ଦକ୍ଷତା ଉପରେ ଉପଲବ୍ଧ ଧାରଣା ଅପେକ୍ଷା ଗଠନାତ୍ମକ ମୂଲ୍ୟାୟନ ଆପଣଙ୍କୁ ସଠିକ୍ ସୂଚନା ଦେଇଥାଏ। ଏହାପରେ ସେମାନଙ୍କର ବ୍ୟକ୍ତିଗତ ଆବଶ୍ୟକତାକୁ ଉପଯୁକ୍ତ ପ୍ରତିକ୍ରିୟା ଦେବାର ସ୍ଥିତିରେ ଆପଣ ପହଞ୍ଚିପାରିବେ।
- **ଦଳଗତ କାର୍ଯ୍ୟ ଓ ଯୋଡି କାର୍ଯ୍ୟ:** ସମସ୍ତଙ୍କୁ ସଂପୃକ୍ତ କରିବାର ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଏବଂ ପରସ୍ପରର ଗୁରୁତ୍ୱକୁ ଉପଲବ୍ଧି କରିବାକୁ ଉତ୍ସାହିତ କରିବା ପାଇଁ ଆପଣ ଶିକ୍ଷାର୍ଥୀଙ୍କର ଦଳ ବା ଦୁଇଜଣିଆ ଯୋଡ଼ି କିପରି ଗଠନ କରିବେ ସେଥିପାଇଁ ଯତ୍ନଶୀଳ ଭାବେ ଚିନ୍ତା କରିବେ। ସମସ୍ତ ଶିକ୍ଷାର୍ଥୀ ପରସ୍ପରଠାରୁ ଶିଖିବାର ସୁଯୋଗ ପାଇବା ପାଇଁ ସୁନିଶ୍ଚିତ ହୁଅନ୍ତୁ ଏବଂ ସେମାନେ ଯାହା

ଜାଣିଛନ୍ତି ତା ଉପରେ ତାଙ୍କର ପ୍ରତ୍ୟୟ ସୃଷ୍ଟି କରନ୍ତୁ। କିଛି ଶିକ୍ଷାର୍ଥୀ ଛୋଟ ଦଳ ଭିତରେ ନିଜର ଭାବନା ପ୍ରକାଶ କରିପାରନ୍ତି କିନ୍ତୁ ସମଗ୍ର ଶ୍ରେଣୀ ସମ୍ମୁଖରେ ତାହା କରିପାରନ୍ତି ନାହିଁ।

- **ପ୍ରଭେଦକରଣ** ଭିନ୍ନ ଭିନ୍ନ ଦଳକୁ ଭିନ୍ନ ଭିନ୍ନ ଦତ୍ତ କାର୍ଯ୍ୟ ସଂପାଦନ କରିବାକୁ ଦେଲେ ଶିକ୍ଷାର୍ଥୀମାନେ ତାଙ୍କର ସ୍ଥିତାବସ୍ଥାରୁ ଆରମ୍ଭ କରି ଆଗକୁ ବଢିଚାଲିବେ। ମୁକ୍ତ ଉତ୍ତର ମୂଳକ କ୍ଷୁଦ୍ର କାର୍ଯ୍ୟ ପ୍ରଦାନ କଲେ ସମସ୍ତ ଶିକ୍ଷାର୍ଥୀ ସଫଳତା ପାଇବାର ସୁଯୋଗ ମିଳିଥାଏ। ଶିକ୍ଷାର୍ଥୀମାନଙ୍କୁ ଦତ୍ତ କାର୍ଯ୍ୟରେ ବିକଳ୍ପ ବ୍ୟବସ୍ଥା କଲେ ସେମାନେ ଦତ୍ତ କାର୍ଯ୍ୟଟି ତାଙ୍କର ନିଜର ବୋଲି ଅନୁଭବ କରିବେ ଏବଂ ନିଜର ଶିକ୍ଷାର ଦାୟିତ୍ୱ ବହନ କରିବେ। ବ୍ୟକ୍ତିଗତ ଶିକ୍ଷାର ଆବଶ୍ୟକତାକୁ ଦୃଷ୍ଟିରେ ରଖିବା ଏକ କାଠିକର ପାଠ, ବିଶେଷ କରି ଗୋଟିଏ ବଡ ଶ୍ରେଣୀ କକ୍ଷରେ , ତଥାପି, ବିବିଧ ଦତ୍ତ କାର୍ଯ୍ୟ ଓ ଶିକ୍ଷଣ କାର୍ଯ୍ୟ ବ୍ୟବହାର ଦ୍ୱାରା ଏହା ସମ୍ଭବ ହୋଇପାରିବ।

## Additional resources

- 'Learning about rights in Year 2': http://globaldimension.org.uk/pages/8668
- National Policy on Education (1986 and 1992): http://www.childlineindia.org.in/pdf/National Policyon-Education.pdf
- National Curriculum for Elementary and Secondary Education (1988): http://www.teindia.nic.in/mhrd/50yrsedu/q/91/HL/toc.htm
- UNESCO language studies: http://www.unesco.org/education/tlsf/mods/theme_b/popups/mod06t04s04.html
- Right Here, Right Now: Teaching Citizenship through Human Rights, published by the UK Ministry of Justice, the British Institute of Human Rights, the UK Department for Children, Schools and Families, and Amnesty International UK: http://www.amnesty.org.uk/sites/default/files/book_-_right_here_right_now_0.pdf
- 'Language across curriculum' by Nisha Butoliya: http://www.teachersofindia.org/en/lessonplan/ language-across-curriculum
- UNICEF India: http://www.unicef.org/india/wes.html
- 'What is academic language?' by James Paul Gee, which includes further discussion of the issues raised in the introduction: http://www.jamespaulgee.com/sites/default/files/pub/TeachingSciencetoELLCh07.Pdf
- Democratic Citizenship, Languages, Diversity and Human Rights by Hugh Starkey: https://www.coe.int/t/dg4/linguistic/Source/StarkeyEN.pdf

## References/bibliography

Home Department, Govt of Bihar (undated) 'Fundamental Duties of the Citizens of India as per the Constitution of India' (online). Available from:http://home.bih.nic.in/Citizen_Guidelines/fundamental_duties_of_citizen.htm (accessed 29 October 2014).

Malone, S. (2010) Activities for Early Grades of Mother Tongue (L1)-Based Multilingual Education Programs. Dallas, TX: SIL International.

# Acknowledgements

Except for third party materials and otherwise stated below, this content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/). The material acknowledged below is Proprietary and used under licence for this project, and not subject to the Creative Commons Licence. This means that this material may only be used unadapted within the TESSIndia project and not in any subsequent OER versions. This includes the use of the TESS-India, OU and UKAID logos.

Grateful acknowledgement is made to the following sources for permission to reproduce the material in this unit:

Figure 1: http://ww.ifrc.org.

Figure 4: top left, http://www.childlineindia.org.in; top middle, http://newswatch.nationalgeographic.com; top right, http://ncert.nic.in; bottom left, http://www.kidsfortigers.org; bottom right, AFP=JIJI http://www.jijiphoto.jp.

Resource 1: http://home.bih.nic.in.

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.